ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK | ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25. No.296 Bhubaneswar Thursday January 12, 2023 ୨୫ତମ ବର୍ଷ ସଂଖ୍ୟା-୨୯୬ ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୧୨,୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS


# ରଂଗାରଂଗ କାର୍ଯ୍ୟକ୍ରମ ଭିତରେ ଆରମ୍ଭ ହେଲା ହକି ବିଶ୍ୱକପ

## ଭୁବନେଶ୍ୱର ଓ ରାଉରକେଲାରେ ୧୩ରୁ ୨୯ ଯାଏଁ ମ୍ୟାଚ୍

**କଟକ(ପିଏନ):** ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିଛି। ରଂଗାରଂଗ କାର୍ଯ୍ୟକ୍ରମ ଭିତରେ କଟକର ଐତିହାସିକ ବାରବାଟୀ ଷ୍ଟାଡିୟମରେ ପୁରୁଷ ହକି ବିଶ୍ୱକପ୍-୨୦୨୩ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ସନ୍ଧ୍ୟାରେ ହକି ବିଶ୍ୱକପ୍‌କୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଉଦ୍‌ବୋଧନ ଦେଇ କହିଛନ୍ତି, ଓଡିଶା ପୁରୁଷ ହକି ବିଶ୍ୱକପ୍‌ର ଆୟୋଜନ କରୁଛି। ଆତିଥ୍ୟ ପ୍ରଦାନରେ ଓଡିଶାର ନାମ ରହିଛି। ଓଡିଶାରେ ହକି ବିଶ୍ୱକପ୍‌ର ଆୟୋଜନ ହେଉଥିବାରୁ ମୁଁ ବହୁତ ଖୁସି ଅନୁଭବ କରୁଛି। କଟକରେ ହକି ବିଶ୍ୱକପର ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ସରକାର ସବୁ ପ୍ରକାରର ସମର୍ଥନ ଯୋଗାଇଥିବାରୁ ଧନ୍ୟବାଦ ଜଣାଉଛି।

ଲକ୍ଷାଧିକ ଦର୍ଶକଙ୍କ ଉପସ୍ଥିତିରେ ଅନୁଷ୍ଠିତ ହେଉଥିବା ଉଦଘାଟନୀ ସମାରୋହରେ କେନ୍ଦ୍ର କ୍ରିଡାମନ୍ତ୍ରୀ ଅନୁରାଗ ଠାକୁର, ଇଣ୍ଟରନ୍ୟାସନାଲ ଫେଡେରେସନ ଅଫ ହକି (ଏଫ୍‌ଆଇଏଚ୍) ସଭାପତି ତୟା ବିକ୍ରମ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ରାଜ୍ୟ କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା, ୫ଟି ସଚିବ ଭିକେ ପାଣ୍ଡିଆନ, କ୍ରୀଡା ସଚିବ ଭିନିଲ କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ରହିଛନ୍ତି। ଏତଦ୍ ବ୍ୟତୀତ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ବିଶିଷ୍ଟ ଅତିଥି ଉପସ୍ଥିତ ଅଛନ୍ତି। ହକି ବିଶ୍ୱକପ୍-୨୦୨୩ର ମ୍ୟାଚ୍‌ଗୁଡିକ ଜାନୁଆରି ୧୩ ତାରିଖ ଠାରୁ ଆରମ୍ଭ ହେବ। ରାଉରକେଲାସ୍ଥିତ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବାକୁ ଥିବା ବେଳେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଫାଇନାଲ ମ୍ୟାଚ୍ ଜାନୁଆରି ୨୯ ତାରିଖରେ ହେବ।

ବିଶ୍ୱରେ ଯେତେ ସବୁ ବିଶ୍ୱକପ ହକିର ଆୟୋଜନ ହୋଇଛି ସେଥିରୁ ଭାରତ ତଥା ଓଡିଶାରେ ସବୁଠାରୁ ଭବ୍ୟ ହୋଇପାରିଛି। ଭାରତକୁ କ୍ରମାଗତ ଭାବେ ୨ ଥର ହକି ବିଶ୍ୱକପର ଆୟୋଜନ କରିବାର ସୁଯୋଗ ମିଳିଛି। ଏହା ଓଡିଶା ସରକାରଙ୍କ ଯୋଗୁଁ ସଫଳ ହୋଇପାରିଛି।



ଓଡିଶା ଓ ଓଡିଶା ବାହାରର ଶିଳ୍ପୀମାନଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଶଣରେ ସମ୍ପୂର୍ଣ୍ଣ ବାରବାଟୀ ଷ୍ଟାଡିୟମ ପରିସର ଆନନ୍ଦମୁଖର ହୋଇଉଠିଛି । ଏହି ମନଲୋଭା ସଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବାକୁ ଦର୍ଶକମାନେ ଅପରାହ୍ଣ ସାଢେ ୨ଟାରେ ଷ୍ଟାଡିୟମ ଭିତରକୁ ପ୍ରବେଶ କରିଥିଲେ। ଅପରାହ୍ଣ ୩ଟାରୁ ନୃତ୍ୟ-ସଂଗୀତର ତାଳେତାଳେ ଝୁମି ଉଠିଥିଲେ ଦର୍ଶକ। ଉଦଘାଟନୀ ଉତ୍ସବ ପାଇଁ ଉଭୟ ବଲିଉଡ ଓ ଓଲିଉଡର ପ୍ରତିଷ୍ଠିତ କଳାକାର ଅଂଶଗ୍ରହଣ କରିଥିଲେ। ଆଜିର ମୁଖ୍ୟ ଆକର୍ଷଣ ଥିଲେ ଅଭିନେତା ରଣବୀର ସିଂହ, ଅଭିନେତ୍ରୀ ଦିଶା ପଟାନୀ ଓ ସଂଗୀତ ନିର୍ଦ୍ଦେଶକ ପ୍ରିତମ୍। ସେହିପରି ସବ୍ୟସାଚ୍ୀ, ଅର୍ଚ୍ଚିତା, ଲିସା ମିଶ୍ର ପ୍ରମୁଖ ଓଲିଉଡ କଳାକାର କାର୍ଯ୍ୟକ୍ରମ ପରିବେଶଣ କରିଥିଲେ।

ସମ୍ପୂର୍ଣ୍ଣ ବାରବାଟୀ ଷ୍ଟାଡିୟମ ପରିସର ସରଗରମ ହୋଇ ଉଠିଛି। ଦର୍ଶକମାନେ ଅପରାହ୍ଣ ସାଢେ ୨ଟାରେ ଷ୍ଟାଡିୟମ ଭିତରକୁ ପ୍ରବେଶ କରିଥିଲେ। ପ୍ରଥମେ ଅରୁଣା ମହାନ୍ତି ଓ ନମିତା ମେଲେକାଙ୍କ ନେତୃତ୍ୱରେ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ କଣ୍ଠଶିଳ୍ପୀ ସ୍ମିତି ମିଶ୍ରଙ୍କ ଦ୍ୱାରା ସଂଗୀତ ପରିବେଶ ଓ ପରେ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା। ଋତୁରାଜ ମହାନ୍ତି, ସବ୍ୟସାଚୀ ମିଶ୍ର, ଅର୍ଚ୍ଚିତା ସାହୁ, ଲିସା ମିଶ୍ର ପ୍ରସ୍ତୁତି ଦେଇଥିଲେ।

ଅପରାହ୍ଣ ୩ଟାରୁ ଆରମ୍ଭ ହୋଇଥିବା ହକି ବିଶ୍ୱକପ୍‌ର ଉଦଘାଟନୀ ଉତ୍ସବ ପ୍ରାୟ ୯ଟା ଯାଏଁ ଜାରି ରହିବ। ବାରବାଟୀ ଷ୍ଟାଡିୟମକୁ ପୂରା ସଜା ଯାଇଛି। ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ ଛାତ୍ରଛାତ୍ରୀ ଦେଖିପାରିଛନ୍ତି। ଏଥିପାଇଁ ରାଜ୍ୟରେ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ତଥା ବେସରକାରୀ ସ୍କୁଲଗୁଡିକୁ ଅପରାହ୍ନ ୧ଟାରୁ ଛୁଟି ଘୋଷଣା କରାଯାଇଛି । କଟକ ମହାନଗର ନିଗମ ଅଧୀନରେ ଆସୁଥିବା ସମସ୍ତ ସରକାରୀ ଅଫିସ, ବିଶ୍ୱବିଦ୍ୟାଳୟ, କଲେଜ, ସ୍କୁଲକୁ ଦିନ ଗୋଟାଏରୁ ଛୁଟି ଘୋଷଣା କରାଯାଇଛି ।



ବିଶ୍ୱ ପ୍ରସିଦ୍ଧ ଆଧ୍ୟାତ୍ମିକ ଗୁରୁ ସ୍ୱାମୀ ବିବେକାନନ୍ଦ ଓ ମହର୍ଷି ମହେଶ ଯୋଗୀଙ୍କ ଜୟନ୍ତୀ ଉପଲକ୍ଷେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।

## ବଣାଇ ବ୍ଲକ ଉପାଧକ୍ଷା ବିନତି ବେହେରା ଅପହୃତ !

**ବଣାଇ(ପିଏନ):** ସୁନ୍ଦରଗଡ ବଣାଇ ବ୍ଲକ ଉପାଧକ୍ଷା ବିନତି ବେହେରାଙ୍କୁ ଅପହରଣ ଅଭିଯୋଗ। ଏନେଇ ଟିକାୟତପାଲୀ ଥାନାରେ ଏତଲା କଲେ ଉପାଧକ୍ଷାଙ୍କ ସ୍ୱାମୀ ପ୍ରସନ୍ନ ବେହେରା। ବିନତି ୪ ତାରିଖରେ ପୁଅକୁ ସ୍କୁଲ ଛାଡ଼ିବାକୁ ଖମାର ଯାଇଥିଲେ। ହେଲେ ଆଉ ଘରକୁ ଫେରିନାହାନ୍ତି ବୋଲି ଏତଲା ହୋଇଛି। ଏନେଇ ରାଜନୈତିକ ମହଲରେ ଅଲୋଚ୍ନା ଜୋର ଧରିବା ପରେ ଘଟଣା ଆଜି ପଦାକୁ ଆସିଛିବଣାଇ ଏସ୍‌ଡିପିଓ ସୁରଜ ଦେବତା କହିଛନ୍ତି, ଏହା ଅପହରଣ ନୁହେଁ, ସେ ନିଖୋଜ ଅଛନ୍ତି। ବିନତି ନିଖୋଜ ଥିବା ତାଙ୍କ ସ୍ୱାମୀ ଅଭିଯୋଗ କରିବା ପରେ ଏନେଇ ମାମଲା କରାଯାଇଛି। ତାଙ୍କୁ ଠାବ କରିବାକୁ ପୁଲିସ ପଦକ୍ଷେପ ନେଇଛି। ପ୍ରସନ୍ନ ବେହେରା କହିଛନ୍ତି, ତାଙ୍କ ପତ୍ନୀଙ୍କୁ ଅପହରଣ କରାଯାଇଥିବା ସେ ସନ୍ଦେହ କରୁଛନ୍ତି। ଏନେଇ ସେ ଥାନାରେ ଗତ ୬ ତାରିଖରେ ଏତଲା ଦେଇଛନ୍ତି। ପତ୍ନୀ ନିଖୋଜ ପରେ ବିଭିନ୍ନ ସ୍ଥାନ ଖୋଜି ନ ପାଇବାରୁ ପରେ ପୁଲିସର ଆଶ୍ରୟ ନେଇଥିଲେ। ଦୀର୍ଘଦିନ ବିତି ଯାଇଥିଲେ ହେଁ ପତ୍ନୀଙ୍କୁ ଠାବ କରାଯାଇପାରିନି।ତେବେ କେଉଁ କାରଣ ପାଇଁ ବିନତିଙ୍କୁ ଅପହରଣ କରାଗଲା ସେ ନେଇ ସ୍ପଷ୍ଟ ସୂଚ୍ନା ଜଣାପଡିନି।

# ରାଜ୍ୟରେ ଏକ ନିକମା ସରକାର ଚାଲିଛି : ଶରତ ପଟ୍ଟନାୟକ

**ଭୁବନେଶ୍ୱର,(ପିଏନ):** ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ହେଉଥିବା ଭାରତ ଯୋଡ଼-ଓଡ଼ିଶା ପରିବର୍ତନ ପଦଯାତ୍ରା ଆଜି ରାଉରକେଲାର ଫର୍ଟିଲାଇଜର ଟାଉନ୍‌ସିପରୁ ବାହାରି ବେଦବ୍ୟାସ ଛକରେ ପହଂଚିଲା ପରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକ କହିଲେ ଯେ, ଦୀର୍ଘ ୨୨ ବର୍ଷ ଧରି ରାଜ୍ୟରେ ଏକ ନିକମା ଏବଂ ପ୍ରତିଶ୍ରୁତି ଓ ପ୍ରତାରଣାର ସରକାର ଚାଲିଛି।



ରାଜ୍ୟର ହଜାର ହଜାର ବେକାର ଯୁବକ / ଯୁବତୀ ନିଯୁକ୍ତି ନ ପାଇଁ ହାହୁତାଶ ମଧ୍ୟରେ କାଳ କାଟୁଛନ୍ତି। ଏ ରାଜ୍ୟର କୃଷକର ଭବିଷ୍ୟତ ଧାନ ମଣ୍ଡିରେ ବନ୍ଧା ପଡ଼ିଛି। ସପ୍ତାହ ସପ୍ତାହ ଧରି କୃଷକ ତା'ର ଧାନ ବିକ୍ରିକରିବା ପାଇଁ ଅପେକ୍ଷା କରି ବସିଛି। ମଣ୍ଡିରେ ସାମାନ୍ୟତମ ସୁବିଧା ମଧ ନାହିଁ। ରାଜ୍ୟର ଶ୍ରମିକ ସ୍ୱଳ୍ପ ରୋଜଗାରକାରୀ ବର୍ଗ, ଆଦିବାସୀ, ପଛୁଆବର୍ଗ ଏବ ବିଶେଷ କରି ମହିଳାମାନେ ଆଜି ବହୁ ଦୁଃଖ ଓ ଦୁର୍ଦ୍ଦଶା ଦେଇ ଗତିକରୁଛନ୍ତି। ଆଇନ ଶୃଙ୍ଖଳା ପରିସ୍ଥିତି ସଂପୂର୍ଣ୍ଣ ଭୁଷୁଡ଼ି ପଡ଼ିଛି। ଏ ରାଜ୍ୟ ସରକାର କେବଳ ନବୀନ ବାବୁଙ୍କର ପ୍ରଚାର ଓ ପ୍ରସାର କାର୍ଯ୍ୟ ପାଇଁ ସଂପୂର୍ଣ୍ଣଭାବେ ସମର୍ପିତ। ଓଡ଼ିଶାର ଜନସାଧାରଣଙ୍କ ପାଇଁ କେହି ନାହାନ୍ତି ପଦୁଟିଏ କହିବା ପାଇଁ। ବିଶ୍ୱ କପ୍ ହକି ଆୟୋଜନ ଆମ ରାଜ୍ୟ ପାଇଁ ନିଶ୍ଚିତ ଗର୍ବ ଓ ଗୌରବର କଥା। ଏପରି ଆୟୋଜନ କରାଯିବା କଥା କିନ୍ତୁ ଆଜି ରାଉରକେଲା ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ହଜାର ହଜାର ଛାତ୍ର / ଛାତ୍ରୀଙ୍କୁ ଭେଟିଲାବେଳେ ସେମାନେ ଯେଉଁ ମୌଳିକ ପ୍ରଶ୍ନ ଉତ୍ଥାପନ କରିଛି ତାହା ଅତ୍ୟନ୍ତ ଉଦ୍‌ବେଗର ବିଷୟ। କଲେଜ ମାନଙ୍କର ଖେଳ ଶିକ୍ଷକ ନାହାନ୍ତି, ଖେଳ ଉପକରଣ ନାହିଁ, ଏପରିକି ମହିଳା ମହାବିଦ୍ୟାଳୟରେ ହଷ୍ଟେଲ ମାନଙ୍କର ପରିଶ୍ରାଗର ଓ ସ୍ନାନାଗାର ନାହିଁ କହିଲେ ଚଳେ। କଲେଜ ମାନଙ୍କରେ ନିର୍ବାଚନକୁ ବନ୍ଦ କରିବା ଓ ଛାତ୍ର / ଛାତ୍ରୀମାନେ ଆଦୌ ଗ୍ରହଣ କରୁନାହାନ୍ତି। ଶ୍ରୀ ପଟ୍ଟନାୟକ ଛାତ୍ର/ଛାତ୍ରୀ ମାନଙ୍କୁ ଉତର ଦେଇ କହିଥିଲେ ଏ ସରକାର ଗଣତନ୍ତ୍ର ବିରୋଧି। ଗଣତନ୍ତ୍ରର ପରିଭାଷା ଏହାଙ୍କୁ ଜଣାନାହିଁ। ଛାତ୍ର ନିର୍ବାଚନ ଦ୍ୱାରା ହିଁ ନୂତନ ନେତୃତ୍ୱର ଆଶା ଓ ସମ୍ଭାବନାର ସୃଷ୍ଟି ହୋଇଥାଏ। ଫଳରେ ବିଗତ କିଛି ବର୍ଷ ଧରି ରାଜ୍ୟରେ ନୂତନ ଯୁବ ଓ ଯବୁତୀ ନେତୃତ୍ୱ ସୃଷ୍ଟି କରାଯାଇପାରୁନାହିଁ। କଂଗ୍ରେସ ସରକାରକୁ ଆସିଲେ ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟ ମାନଙ୍କରେ ନିର୍ବାଚନ କରାଯିବ। ଠିକ୍ ସେହିଭଳି ଭାବରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଉପଯୁକ୍ତ କ୍ରିଡ଼ା ଭିତିଭୂମି ସୃଷ୍ଟି କରିବା ସହିତ ତାଲିମ୍‌ପ୍ରାପ୍ତ କ୍ରିଡ଼ା ଶିକ୍ଷକ ନିଯୁକ୍ତି କରାଯାଉ ଏବଂ ଉପଯୁକ୍ତ ପ୍ରତିଭାଙ୍କୁ କଲେଜ ସ୍ତରରୁ ଚୟନ କରି ତାଙ୍କୁ ଉପଯୁକ୍ତ ତାଲିମ, ରହିବା ଏବଂ ଅଭ୍ୟାସ ବ୍ୟବସ୍ଥା ସହ ସମସ୍ତ ସୁବିଧା ସୁଯୋଗ କରାଯିବ। କଂଗ୍ରେସ ସରକାର ସମୟରେ କ୍ରିଡ଼ାକୁ ଗୁରୁତ୍ୱ ଦେଇ ଭୁବନେଶ୍ୱରେ କଳିଙ୍ଗ ଷ୍ଟାଡ଼ିୟମ ଗଢ଼ାଯାଇଥିଲା ଓ କ୍ରିଡ଼ା ଛାତ୍ରାବାସ ସହିତ ଖେଳାଳିଙ୍କୁ ପ୍ରୋତ୍ସାହନ ରାଶି ମଧ ଦିଆଯାଉଥିଲା। ଏହି ପଦଯାତ୍ରାରେ ପୂର୍ବତନ ପ୍ରଦେଶ କଂଗ୍ରେସର ସଭାପତି ପ୍ରସାଦ ହରିଚନ୍ଦନ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ଲଲାଟେନ୍ଦୁ ମହାପାତ୍ର, ସୁନ୍ଦରଗଡ଼ ଜିଲ୍ଲା ସଭାପତି ବେଣୁମାଧମ ତ୍ରିପାଠି, ସୁନ୍ଦରଗଡ଼ ଜିଲ୍ଲାର ପର୍ଯ୍ୟବେକ୍ଷକ ବିଦୁଭୂଷଣ ତ୍ରିପାଠି, ରାଉରକେଲା ଜିଲ୍ଲା ସଭାପତି ଦେବବ୍ରତ ବିହାରୀ, ବିରେନ ସେନାପତି, ରାଜେନ୍ଦ୍ର ଛତ୍ରିଆ, ଶୁଭେନ୍ଦୁ ମହାନ୍ତି, ଦୁର୍ଗା ପାଢ଼ୀ, ଲୋକନାଥ ମହାରଥି, ମାନସ ମଲ୍ଲିକ, ରବି ରାୟ, କୈଳାସ ସାହୁ, ସରୋଜୀନି ବାଙ୍କ୍ରା, ରଶ୍ମି ପାଢ଼ୀ, ମହିଳା, ଛାତ୍ର, ଯୁବ କଂଗ୍ରେସର ନେତୃବୃନ୍ଦ ଏବଂ ସେବାଦଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି ପଦଯାତ୍ରାରେ ସାମିଲ ହୋଇଥିଲେ।

# ୱାର୍ଲ୍ଡ କପ୍ ହକି ଟୁର୍ଣ୍ଣାମେଣ୍ଟ ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଦୁଇଟି ହକି ସ୍ୱତନ୍ତ୍ର ଟ୍ରେନ୍

**ଭୁବନେଶ୍ୱର,(ପିଏନ)-** ଜାନୁୟାରୀ ୨୦୨୩ ରେ ଭୁବନେଶ୍ୱର ଏବଂ ରାଉରକେଲା ଠାରେ ଅନୁଷ୍ଠିତ ହେବାକୁ ଥିବା ଏଫଆଇଏଚ୍ ହକି ପୁରୁଷ ବିଶ୍ୱକପ ୨୦୨୩ ସମୟରେ ଯାତ୍ରୀଙ୍କ ଚ୍ାହିଦା ଏବଂ ଅତିରିକ୍ତ ଯାତ୍ରୀ ଭିଡକୁ ଦୃଷ୍ଟିରେ ରଖି ଏବଂ ରେଳ ଯାତ୍ରୀ ମାନଙ୍କୁ ଉତ୍ତମ ଯାତ୍ରା ସୁବିଧା ବିଶେଷ ଭାବେ ହକି ପ୍ରେମୀଙ୍କ ପାଇଁ ସ୍ୱତନ୍ତ୍ର ଟ୍ରେନ୍ ସେବା ଯୋଗାଇଦେବାପାଇଁ ପୂର୍ବତଟ ରେଳପଥ ନିଷ୍ପତ୍ତି ନେଇଛି ।

୦୨୮୩୪ ଭୁବନେଶ୍ୱର-ରାଉରକେଲା ସ୍ପେଶାଲ ଭୁବନେଶ୍ୱରରୁ ୧୪ ରୁ ୩୦ ଜାନୁୟାରୀ ୨୦୨୩ ମଧ୍ୟରେ ପ୍ରତ୍ୟେକ ସୋମବାର, ବୁଧବାର, ଗୁରୁବାର ଏବଂ ଶନିବାର ଦିନ ମାନଙ୍କରେ ସନ୍ଧ୍ୟା ୮.୨୫ ମି.ରେ ଛାଡି ରାଉରକେଲା ଯାତ୍ରା କରିବ ।

ଫେରିବା ମାର୍ଗରେ ୦୨୮୩୩ ରାଉରକେଲା-ଭୁବନେଶ୍ୱର ସ୍ପେଶାଲ ରାଉରକେଲା ଠାରୁ ୧୫ ରୁ ୩୧ ଜାନୁୟାରୀ ୨୦୨୩ ମଧ୍ୟରେ ପ୍ରତ୍ୟେକ ମଙ୍ଗଳବାର, ଗୁରୁବାର, ଶୁକ୍ରବାର ଏବଂ ରବିବାର ଦିନ ମାନଙ୍କରେ ରାତ୍ରୀ ୧୧.୨୫ ମି.ରେ ଭୁବନେଶ୍ୱର ଯାତ୍ରା କରିବ ।

ଏହି ଟ୍ରେନରେ ଗୋଟିଏ ଏସି-୨ ଟାୟାର, ତିନିଟି ଏସି -୩ ଟାୟାର, ଆଠଟି ସ୍ଲିପର କ୍ଲାସ, ଚ୍ାରିଟି ଦ୍ୱିତୀୟ ଶ୍ରେଣୀ ସିଟିଙ୍ଗ ଏବଂ ଦୁଇଟି ଗାର୍ଡ ତଥା ଲଗେଜ୍ ଭ୍ୟାନ୍ ଉପଲବ୍ଧ ହେବାକୁ ଥିବାବେଳେ ଏହା ଭୁବନେଶ୍ୱର ଓ ରାଉରକେଲା ମଧ୍ୟରେ ଉଭୟ ପାର୍ଶ୍ୱରୁ କଟକ, ଢେଙ୍କାନାଳ, ତାଳଚେର ରୋଡ଼, ଅନୁଗୁଳ, ସମ୍ବଲପୁର ସିଟି ଏବଂ ଝାରସୁଗୁଡା ମଧ୍ୟରେ ରହଣି କରିବ ।

୦୨୮୩୬/୦୨୮୩୫ ପୁରୀ-ରାଉରକେଲା-ପୁରୀ ହକି ସ୍ପେଶାଲ୍ ୧୪ ରୁ ୩୧ ଜାନୁୟାରୀ ୨୦୨୩ ପର୍ଯ୍ୟନ୍ତ ପ୍ରତିଦିନ ଚ୍ଳାଚ୍ଳ କରିବ । ଏହି ଟ୍ରେନ ପୁରୀ ଠାରୁ ସକାଳ ୦୫ଘ.୧୫ମି.ରେ ଛାଡି ରାଉରକେଲା ଠାରେ ଅପରାହ୍ନ ୧୨ଘ.୪୫ମି.ରେ ପହଞ୍ଚିବ । ଫେରିବା ମାର୍ଗରେ ଏହା ରାଉରକେଲା ଠାରୁ ଅପରାହ୍ନ ୦୧ଘ.୩୦ମି.ରେ ଛାଡି ପୁରୀ ଠାରେ ରାତ୍ରୀ ୧୦ଘ.୩୦ମି.ରେ ପହଞ୍ଚିବ ।ଏହି ଟ୍ରେନରେ ଦୁଇଟି ଏସି -୩ ଟାୟାର୍, ତିନିଟି ସ୍ଲିପର୍ କ୍ଲାସ୍, ଛଅ ଟି ଦ୍ୱିତୀୟ ଶ୍ରେଣୀ ସିଟିଙ୍ଗ ଏବଂ ଦୁଇଟି ଗାର୍ଡ ତଥା ଲଗେଜ୍ ଏବଂ ଜେନେରେଟର କାର୍ ଉପଲବ୍ଧ ଥିବାବେଳେ ଏହା ଉଭୟ ପାର୍ଶ୍ୱରୁ ପୁରୀ ଓ ରାଉରକେଲା ମଧ୍ୟରେ ଖୋର୍ଦ୍ଧା ରୋଡ଼, ଭୁବନେଶ୍ୱର, ନରାଜ ମାର୍ଥାପୁର, ଢେଙ୍କାନାଳ, ତାଳଚେର ରୋଡ୍, ଅନୁଗୁଳ, ରେଢ଼ାଖୋଲ, ସମ୍ବଲପୁର ସିଟି, ଝାରସୁଗୁଡା ଏବଂ ରାଜଗଙ୍ଗପୁର ଷ୍ଟେସନ ମାନଙ୍କ ଠାରେ ରହଣି କରିବ ।

ଏହା ବ୍ୟତୀତ ୦୨୮୩୨/ ୦୨୮୩୧ ଭୁବନେଶ୍ୱର-ଧାନବାଦ୍-ଭୁବନେଶ୍ୱର ସ୍ପେଶାଲ୍ ମଧ ପ୍ରତ୍ୟେକ ମଙ୍ଗଳବାର, ଶୁକ୍ରବାର ଏବଂ ରବିବାର ଦିନ ଭୁବନେଶ୍ୱରରୁ ଏବଂ ପ୍ରତ୍ୟେକ ସୋମବାର, ବୁଧବାର ଏବଂ ଶନିବାର ଦିନ ଧାନବାଦ୍ରୁ ରାଉରକେଲା ମାର୍ଗ ଦେଇ ଚ୍ଳାଚ୍ଳ କରୁଅଛି ସେହିଭଳି ରାଉରକେଲା-ଗୁଣୁପୁର-ରାଉରକେଲା ରାଜ୍ୟରଣୀ ଏକ୍ସପ୍ରେସ, ପୁରୀ-ଯୋଗ ନଗରୀ ଋଷିକେଶ କଳିଙ୍ଗ ଉତ୍କଳ ଏକ୍ସପ୍ରେସ, ପୁରୀ-ହଟିଆ ତପସ୍ୱିନୀ ଏକ୍ସପ୍ରେସ, ଭୁବନେଶ୍ୱର-ରାଉରକେଲା-ଭୁବନେଶ୍ୱର ଇଣ୍ଟର ସିଟି ଏକ୍ସପ୍ରେସ, ପୁରୀ-ରାଉରକେଲା-ପୁରୀ ଏକ୍ସପ୍ରେସ ଟ୍ରେନ ଗୁଡିକ ଦୈନିକ ଚ୍ଳାଚ୍ଳ କରୁଛି ଯାହାକି ଭୁବନେଶ୍ୱର ଓ ରାଉରକେଲାକୁ ଟ୍ରେନ ମାଧ୍ୟମରେ ସଂଯୋଗ କରୁଛି । ଉପରୋକ୍ତ ବ୍ୟତୀତ ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ ଭାୟା ଅନୁଗୁଳ ଓ ଝାରସୁଗୁଡା ଏବଂ ଭୁବନେଶ୍ୱର-ଆନନ୍ଦ ବିହାର ଏକ୍ସପ୍ରେସ ଟ୍ରେନ ଭାୟା ଅନୁଗୁଳ ଓ ଝାରସୁଗୁଡା ମଧ୍ୟ ଭୁବନେଶ୍ୱର ଏବଂ ରାଉରକେଲା ମଧ୍ୟରେ ସାପ୍ତାହିକ ଭାବେ ଉପଲବ୍ଧ ଅଛି ।











## ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ଓ୍ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି। ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।
କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି। ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧିପାଇଛି । ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି। ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି।

## ପୁରାଣ କାହାଣୀ

## ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

## ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳୀଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

## ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟରଦ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ





ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷିୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

## ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

## କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍‌ର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ ।



ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

ପର୍ଯ୍ୟବେକ୍ଷକ PARYABEKHYAK



ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଜାନୁଆରୀ ୧୨

# ମୁମୂର୍ଷୁଙ୍କ ପାଇଁ ଦେବଦୂତ

ଇଂ.ସନ୍ଦୀପ ସତ୍ୟନାରାୟଣ ଭୂୟାଁ

ନ୍ୟାସନାଲ କ୍ରାଇମ ରେକର୍ଡ଼ ବ୍ୟୁରୋର ସଦ୍ୟତମ ରିପୋର୍ଟ ଅନୁଯାୟୀ ଭାରତରେ ପ୍ରତିଦିନ ରାସ୍ତା ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ୩୮୭ ଜଣଙ୍କର ଜୀବନ ଦୀପ ଲିଭିଥାଏ। ଯଦି ଆହତ ବ୍ୟକ୍ତିମାନଙ୍କୁ ଠିକ୍ ସମୟରେ ଡାକ୍ତରଖାନାକୁ ନିଆଯାଇପାରନ୍ତା ତେବେ ଏହି ମୃତ୍ୟୁ ପରିମାଣ ୫୦ପ୍ରତିଶତକୁ ହ୍ରାସ ପାଆନ୍ତା ବୋଲି ରିପୋର୍ଟରେ କୁହାଯାଏ। ତେବେ ଆହତ ବ୍ୟକ୍ତିମାନେ ଠିକ୍ ସମୟରେ ଡାକ୍ତରଖାନାରେ ପହଞ୍ଚି ପାରନ୍ତି ନାହିଁ କାହିଁକି ? ଉତ୍ତର ଖୋଜିଲେ ପ୍ରଶାସନିକ ଅବ୍ୟବସ୍ଥା ଏହାର ମୁଖ୍ୟ କାରଣ ବୋଲି ଜଣାପଡ଼ିଛି। ରାସ୍ତାରେ ପଡ଼ିଥିବା ଆହତ ବ୍ୟକ୍ତିମାନଙ୍କୁ ଡାକ୍ତରଖାନାକୁ ନେଇ ଆଇନଗତ ନିର୍ଯାତନା ଏବଂ ଆର୍ଥିକ ଶୋଷଣର ଶିକାର ହେଉଥିବା ସୁନାଗରିକମାନଙ୍କ ଉଦାହରଣକୁ ଦେଖି ଲୋକମାନେ ଅନ୍ୟକୁ ସାହାଯ୍ୟ କରିବାଠାରୁ ଦୂରେଇ ରହୁଛନ୍ତି କିମ୍ବା ଯେ କୌଣସି ସ୍ଥାନରେ ଆହତ ହୋଇ ପଡ଼ିଥିବା ଲୋକମାନଙ୍କୁ ଯେଉଁମାନେ ଡାକ୍ତରଖାନାକୁ ନିଅନ୍ତି ସେମାନଙ୍କୁ ଆଇନର କଠୋରତାକୁ ସାମ୍ନା କରିବାକୁ ପଡ଼େ। ପୁଣି ଡାକ୍ତରଖାନାରେ ଅର୍ଥ ବ୍ୟୟ କରିବାକୁ ପଡ଼େ। ଏହାବ୍ୟତୀତ ପୋଲିସ ସେମାନଙ୍କୁ ବାରମ୍ବାର ଆକାରଣରେ ବୟାନ ଦେବାକୁ ଥାନାକୁ ଡାକେ, ସେମାନଙ୍କୁ ଧମକ ଦିଏ ଏବଂ ଦୁର୍ଘଟଣା ଘଟାଇଥିବା ପାର୍ଟି ଲାଞ୍ଚ ଦେଇ ମୁହଁ ବନ୍ଦ କରିବାକୁ ଚେଷ୍ଟା କରେ। ସେମାନଙ୍କୁ କୌଣସି ଆଇନଗତ ସହାୟତା କେଉଁଠାରୁ ମଧ୍ୟ ମିଳେନାହିଁ। ଏହି କାରଣରୁ ଅଧିକାଂଶ ସ୍ଥାନରେ ଦୁର୍ଘଟଣାକୁ ଆଖିଆଗରେ ଦେଖିଥିବା ଲୋକମାନେ ଏହାଠାରୁ ଅଲଗା କରିନେବାକୁ ଚାହାନ୍ତି। କ୍ରାଇମ ରେକର୍ଡ଼ ବ୍ୟୁରୋର ରିପୋର୍ଟ ଅନୁଯାୟୀ ରାସ୍ତା ଦୁର୍ଘଟଣା ମାମଲା ଗୁଡ଼ିକର ଆହତ ବ୍ୟକ୍ତି ଅଧିକାଂଶ ସମୟରେ ରାସ୍ତାରେ ପ୍ରାଣ ହରାଇବାର ଏହା ମୁଖ୍ୟ କାରଣ। କିନ୍ତୁ ଆଗକୁ ଏପରି ହେବନାହିଁ। ସୁନାଗରିକମାନଙ୍କୁ ଆଇନ ସୁରକ୍ଷା ଦେବ ଏବଂ ଏଥିସହ ସେମାନଙ୍କୁ ଡାକ୍ତରଖାନାରେ ଖର୍ଚ୍ଚ ବହନ କରିବାକୁ ହେବନାହିଁ। ଗତ ମାର୍ଚ୍ଚ ୩୦ ତାରିଖରେ ସୁପ୍ରିମକୋର୍ଟ ଏ ସଂକ୍ରାନ୍ତରେ ଆଗତ କରାଯାଇଥିବା ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ସୁନାଗରିକମାନଙ୍କୁ ସୁରକ୍ଷା ଦେବା ନିମନ୍ତେ ଦିର୍ଦ୍ଦେଶ ଦେଇଛନ୍ତି।

ସରଭାଇଭ୍ ଫାଉଣ୍ଡେସନ ୨୦୧୨ ମସିହାରେ ଅନ୍ୟକୁ ସାହାଯ୍ୟ କରୁଥିବା ବ୍ୟକ୍ତିମାନଙ୍କ ସୁରକ୍ଷା ପାଇଁ ଏକ ଆଇନ ନିମନ୍ତେ ଜନସ୍ୱାର୍ଥ ମାମଲା ଦାଖଲ କରିଥିଲେ। ଦୀର୍ଘ ଆଲୋଚନା ପରେ ୨୦୧୪ ଅକ୍ଟୋବର ୨୯ ତାରିଖରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଏ ସଂପର୍କରେ ଗାଇଡ଼ ଲାଇନ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ୨୦୧୫ ମେ ମାସରେ କେନ୍ଦ୍ର ସରକାର କେତେଗୁଡ଼ିଏ ଗାଇଡ଼ ଲାଇନ ଜାରି କରିଥିଲେ। ଏହାପରେ ୨୦୨୧ ନଭେମ୍ବର ୨୨ ତାରିଖରେ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରାଳୟ ସୁନାଗରିକମାନଙ୍କୁ ପୁଲିସର ସହଯୋଗ ନିମନ୍ତେ ଏକ ଗାଇଡ଼ ଲାଇନ ପ୍ରସ୍ତୁତ କରିଥିଲେ। ସୁପ୍ରିମକୋର୍ଟ ଏହି ଗାଇଡ଼ ଲାଇନକୁ ପ୍ରତ୍ୟେକ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ଆଇନ ଭାବରେ ପ୍ରଚଳନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଅନ୍ୟକୁ ସାହାଯ୍ୟ କରୁଥିବା ବ୍ୟକ୍ତିମାନେ କୌଣସି ଫୌଜଦାରୀ ଏବଂ ଅପରାଧିକ ମାମଲାରେ ଅନ୍ତର୍ଭୁକ୍ତ ହେବେନାହିଁ। ଡିସେମ୍ବର ୨୭ ତାରିଖରେ ସୁପ୍ରିମକୋର୍ଟ ଏ ସଂପର୍କରେ ଶେଷ ନିର୍ଦ୍ଦେଶ ଦେଇଛନ୍ତି। ଏହାପର ଠାରୁ ଯିଏବି ଚାହିଁଲେ ଯେ କୌଣସି ଆହତ ବ୍ୟକ୍ତିଙ୍କୁ ଅବିଳମ୍ବେ ଡାକ୍ତରଖାନାରେ ପହଞ୍ଚାଇ ପାରିବ କିମ୍ବା ଦୁର୍ଘଟଣାର ସାକ୍ଷୀ ହୋଇପାରିବ। କିନ୍ତୁ ଏଥିପାଇଁ ତାକୁ ପୋଲିସର ଜୁଲୁମ ସହିବାକୁ ହେବନାହିଁ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଜାରି ହୋଇଥିବା ଗାଇଡ଼ ଲାଇନର ବ୍ୟବସ୍ଥା ଅନୁଯାୟୀ ସାହାଯ୍ୟକାରୀ ବ୍ୟକ୍ତିଙ୍କୁ ସମ୍ମାନର ସହ ବ୍ୟବହାର କରାଯିବ। ଲିଙ୍ଗ, ଜାତି, ଧର୍ମ ଆଦି ନିର୍ବିଶେଷରେ ପ୍ରତ୍ୟେକ ସାହାଯ୍ୟକାରୀ ବ୍ୟକ୍ତିଙ୍କୁ ପୋଲିସ ବା ଡାକ୍ତରଖାନା କର୍ତ୍ତୃପକ୍ଷ ଉପଯୁକ୍ତ ବ୍ୟବହାର କରିବେ। କୌଣସି ଦୁର୍ଘଟଣା ସଂପର୍କରେ କିମ୍ବା ଦୁର୍ଘଟଣାଜନିତ ମୃତାହତଙ୍କ ସଂପର୍କରେ ଯେଉଁ ବ୍ୟକ୍ତି ପୋଲିସ କଣ୍ଟ୍ରୋଲରୁମ୍ କିମ୍ବା ପୋଲିସ ଷ୍ଟେସନକୁ ସୂଚନା ଦେବେ ସେମାନେ ଚାହିଁଲେ ତାଙ୍କ ପରିଚୟ ଗୁପ୍ତ ରଖାଯିବ। ପୋଲିସ କର୍ତ୍ତୃପକ୍ଷ କୌଣସି ସାହାଯ୍ୟକାରୀ ବ୍ୟକ୍ତିଙ୍କୁ ନିଜର ପରିଚୟ ପ୍ରଦାନ କରିବା ପାଇଁ ବାଧ୍ୟ କରିପାରିବେ ନାହିଁ କିମ୍ବା ତାଙ୍କୁ ଘଟଣାର ସାକ୍ଷୀ ହେବାକୁ ବାଧ୍ୟ କରିପାରିବେ ନାହିଁ। ସେ ଘଟଣା ସଂପର୍କରେ ପୋଲିସକୁ ସୂଚୀତ କରିବା ପରେ ତାଙ୍କୁ ଅଟକାଇ ରଖାଯାଇପାରିବ ନାହିଁ। ଯଦି ସେ ନିଜ ଇଚ୍ଛାରେ ସାକ୍ଷୀ ହେବା ପାଇଁ ଚାହିଁବେ କିମ୍ବା ନିଜ ପରିଚୟ ପ୍ରଦାନ କରିବେ ତେବେ ତାହାକୁ ପୋଲିସ ଗ୍ରହଣ କରିବ। ସାକ୍ଷୀ ହେବାକୁ ସମ୍ମତି ପ୍ରଦାନ କରିଥିବା ବ୍ୟକ୍ତିଙ୍କୁ ତାଙ୍କ ସୁବିଧା, ସମୟ ଏବଂ ସ୍ଥାନରେ ପୋଲିସ ଅଧିକାରୀ ଭେଟି ସାକ୍ଷ୍ୟ ନେଇପାରିବେ। ଯଦି ଏହା ସମ୍ଭବ ନୁହେଁ ତେବେ ଭିଡ଼ିଓ କନ୍‌ଫରେନ୍ସିଂ ଦ୍ୱାରା ମଧ୍ୟ ସେ ସାକ୍ଷ୍ୟ ଦେଇପାରିବେ ଯଦି ଉକ୍ତ ବ୍ୟକ୍ତି ପୋଲିସ ଷ୍ଟେସନକୁ ଆସିବାକୁ ନଚାହାନ୍ତି ତେବେ ତଦନ୍ତକାରୀ ପୋଲିସ ଅଧିକାରୀ ସାଦା ପୋଷାକରେ ଉକ୍ତ ବ୍ୟକ୍ତିଙ୍କୁ ଭେଟି ଗୋଟିଏ ଥରେ ସମସ୍ତ ଯାଞ୍ଚ ଶେଷ କରିବେ। ଭାଷାଗତ ସମସ୍ୟା ଥିଲେ ଆବଶ୍ୟକସ୍ଥଳେ ଜଣେ ଅନୁବାଦକର ସାହାଯ୍ୟ ନିଆଯାଇପାରିବ। ଏଥିରେ ଖିଲାପ କଲେ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ। ରାସ୍ତାରେ ଆହତ ଅବସ୍ଥାରେ ପଡ଼ିଥିବା କୌଣସି ବ୍ୟକ୍ତିଙ୍କୁ କେହି ଡାକ୍ତରଖାନାରେ ପହଞ୍ଚାଇଲେ ଡାକ୍ତରଖାନା ଉକ୍ତ ବ୍ୟକ୍ତିଙ୍କୁ ଅଟକାଇ ରଖିପାରିବ ନାହିଁ, ତାଙ୍କ ପରିଚୟ ଦେବାକୁ ବାଧ କରିପାରିବ ନାହିଁ କିମ୍ବା ସେ ଯଦି ଉକ୍ତ ବ୍ୟକ୍ତିଙ୍କର ନିକଟତମ ପରିଜନ ହୋଇନଥାନ୍ତି ତେବେ ତାଙ୍କୁ ଖର୍ଚ୍ଚ ଦେବାକୁ ମଧ୍ୟ ବାଧ କରିପାରିବ ନାହିଁ। ଡାକ୍ତରଖାନା ସମସ୍ତ ଜରୁରୀକାଳୀନ ଚିକିତ୍ସା ଦେବ, ଅନ୍ୟଥା ଏହାକୁ ବୃତ୍ତିଗତ ଅସଦାଚରଣ ଭାବେ ଗ୍ରହଣ କରାଯିବ। ଏଥିସହ ଯଦି ଉକ୍ତ ସାହାଯ୍ୟକାରୀ ବ୍ୟକ୍ତି ଚାହିଁବେ ତେବେ ଡାକ୍ତରଖାନା ଔପଚାରିକ ଭାବରେ ଉକ୍ତ ଆହତ ବ୍ୟକ୍ତିଙ୍କୁ ସେ ଯେଉଁ ସ୍ଥାନରୁ ଏବଂ ଯେଉଁ ସମୟରେ ଡାକ୍ତରଖାନାକୁ ଆଣିଛନ୍ତି ତାହା ଡାକ୍ତରଖାନାର ସିଲ ସହ ଲେଖିବେ। ସଡ଼କ ଦୁର୍ଘଟଣାରେ ଘଟଣାସ୍ଥଳରେ ଯେତିକି ମୃତାହାତ ହୋଇନଥାନ୍ତି ଅଧିକ ଭାବରେ ମୃତକଙ୍କ ସଂଖ୍ୟା ବଢ଼ିଥାଏ ଯେତେବେଳେ ମୁମୂର୍ଷୁ ଜଣଙ୍କ ଆଶୁଚିକିତ୍ସା ପାଇବାରେ ବିଳମ୍ବ ଘଟିଥାଏ। ସେଇଥିପାଇଁ ଅଧିକାଂଶ ସ୍ଥାନରେ ଦେଖାଯାଏ ଯେତେବଡ଼ ଦୁର୍ଘଟଣା ହେଲେ ବି ଦର୍ଶକଙ୍କ ସଂଖ୍ୟା ବଢ଼ିଥିଲେ ବି ସାହାସର ସହିତ କ୍ୱଚିତ୍ ଗୁରୁତର ଆହାତଙ୍କୁ ଚିକିତ୍ସା ପାଇଁ ହାତ ବଢ଼ିଥାଏ। ଏହାର ମୁଖ୍ୟ କାରଣ ହେଉଛି ଡାକ୍ତରଖାନା, ଥାନା ଓ କୋର୍ଟରେ ଯାବତୀୟ ପ୍ରଶ୍ନ ଓ ଜେରାର ଯନ୍ତ୍ରଣା। ତେବେ ବହୁ ବିଳମ୍ବରେ ହେଲେ ବି ପ୍ରଶାସନିକ ସ୍ତରର ଏହି ନିଷ୍ପତ୍ତି ଅନେକ ମୁମୂର୍ଷୁଙ୍କୁ ନିର୍ବାପିତ ଜୀବନରୁ ବଞ୍ଚିବାର ଆନନ୍ଦ ଦେଇପାରିବ। ନରନାରାୟଣଙ୍କ ସେବା ଶ୍ରେଷ୍ଠ ସେବା ଓ ରକ୍ତଦାନ, ଅନ୍ନବସ୍ତ୍ର ଦାନ ପରି ଅଜଣା, ଅସହାୟ, ମୁମୂର୍ଷୁଟିକୁ ସାହାଯ୍ୟ କରିବାର ଯେଉଁ ଶ୍ରେଷ୍ଠ ଜୀବନଧର୍ମ ତାହା ଆମ ସମସ୍ତଙ୍କ ଭିତରେ ଆନ୍ଦୋଳିତ ହେଉ, ଅନ୍ୟକୁ ସାହାଯ୍ୟ କରିବାର ହାତ ନିଃସ୍ୱାର୍ଥପର ଭାବେ ବଢ଼ିଲେ ମଣିଷ ପଣିଆ ଅନ୍ୟ ମାନଙ୍କ ପାଇଁ ଆଲୋକବର୍ତ୍ତିକା ସଦୃଶ ହେବ।

ପ୍ରତିଷ୍ଠାତା ହ୍ୱାଇଟ ଜୁମେଟ, ଭୁବନେଶ୍ୱର, ଦୂରଭାଷ : ୯୪୩୮୮୩୧୨୯୪

**ଆଜିର ଅନୁଚିନ୍ତା**

''ନ ଇଦଂ ମମ'' (ଏହା ମୋର ନୁହେଁ)–ଏହି ଦିବ୍ୟଭାବନା ମହାପୁଣ୍ୟ ଫଳରେ ଉଦୟ ହୁଏ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ–ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।
E-mail: editorpbkc@gmail.com
9853400829 (M), Fax: 0674-2550504

# ଓଡ଼ିଶାର ବରପୁତ୍ର ରାମଚନ୍ଦ୍ର ମର୍ଦ୍ଦରାଜ

ଡ. ବାୟାମନୁ ଚର୍ଚ୍ଚି

ପ୍ରକୃତିର ନୈସର୍ଗିକ ଶୋଭା ସଂପଦ ବିମଣ୍ଡିତ ଖଲ୍ଲିକୋଟ ରାଜପ୍ରାସାଦରେ ୧୯୦୦ ମସିହା ଜାନୁଆରୀ ୧୩ ତାରିଖ ଦିନ ଜନ୍ମ ନିଅନ୍ତି ରାଜା ରାମଚନ୍ଦ୍ର ମର୍ଦ୍ଦରାଜ। ପିତା ହରିହର ମର୍ଦ୍ଦରାଜ, ମାତା ମୟୂରଭଂଜ ଛୋଟରାୟ ବୃନ୍ଦାବନ ଭଂଜଙ୍କ ଦ୍ୱିତୀୟ କନ୍ୟା, ରାଜା ରାମଚନ୍ଦ୍ର ଭଂଜଙ୍କ ଭଗ୍ନୀ କନକମଞ୍ଜରୀ। ପ୍ରକାଶଯୋଗ୍ୟ ଯେ, ହରିହର ମର୍ଦ୍ଦରାଜ (ଜନ୍ମ: ୧୮୭୧ ଜୁଲାଇ ୧୦, ତିରୋଧାନ: ୧୯୦୯) ଥିଲେ ଜଣେ ପ୍ରଜାହିତୈଷୀ ରାଜା। ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା, ପ୍ରଚାର ଓ ପ୍ରସାର, ୧୯୦୧ ଜୁନ୍ ୫ ତାରିଖରେ ମର୍ଦ୍ଦରାଜ ପ୍ରେସ୍ ସ୍ଥାପନ ଓ ୧୯୦୨ ଜୁନ୍ ୫ ତାରିଖରେ ସାପ୍ତାହିକ ପତ୍ରିକା ନୀଳମଣି ବିଦ୍ୟାରତ୍ନଙ୍କ ସମ୍ପାଦନରେ ପ୍ରକାଶନ, ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ, ବ୍ରହ୍ମପୁର ଡାଇମଣ୍ଡ ଜୁବୁଲି ଟାଉନ୍‌ହଲ୍ ନିର୍ମାଣ ତଥା ବିଭିନ୍ନ ଜନହିତକର କାର୍ଯ୍ୟ ପାଇଁ ତାଙ୍କର ଅବଦାନ ଅବିସ୍ମରଣୀୟ।

ଓଡ଼ିଆ ଭାଷା ଓ ସାହିତ୍ୟର ବିପନ୍ନ କାଳରେ କାଟିଙ୍ଗା ରାଜା ଭେଙ୍କେଟେଶ ଦେବଙ୍କ ନେତୃତ୍ୱରେ ୧୮୭୦ ମସିହାରେ ରସଲକୋଣ୍ଡା (ଭଂଜନଗର) ଠାରେ ପ୍ରାକୃତିକ ଓଡ଼ିଶାର ପ୍ରତିନିଧିମାନଙ୍କୁ ନେଇ ଅନୁଷ୍ଠିତ ଓଡ଼ିଆ ସମ୍ମିଳନୀରେ ଓଡ଼ିଆ ଭାଷା ପ୍ରତି ମାରଣନୀତି ବିରୁଦ୍ଧରେ ତୀବ୍ର ସ୍ୱର ଉତ୍ତୋଳନ କରାଯାଇଥିଲା। ଏହା ଓଡ଼ିଶାର ସର୍ବପ୍ରଥମ ଭାଷା ସୁରକ୍ଷା ଆନ୍ଦୋଳନ। ଏହାର ପ୍ରେରଣାରେ ରାଜା ହରିହର ମର୍ଦ୍ଦରାଜ ୧୯୦୨ ମସିହାରେ ଗଂଜାମ ଜାତୀୟ ସମିତି ଜାତୀୟବାଦୀ ମଂଚ ଗଠନ କରିଥିଲେ ଏବଂ ରମ୍ଭା ରାଜପ୍ରାସାଦରେ ପୁତ୍ର ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଦ୍ୱିତୀୟ ଜନ୍ମବାର୍ଷିକୀ ଉତ୍ସବ ପାଳନ ଅବସରରେ ଏକ ମହାସମ୍ମିଳନୀ ଆୟୋଜିତ ହୋଇଥିଲା। ଏହି ଜାତୀୟ ଯଜ୍ଞରେ ପୁରୋଧା ଥିଲେ ରାଜା ହରିହର ଏବଂ ଉଦ୍‌ଗାତା ଥିଲେ କୁଳବୃଦ୍ଧ ମଧୁସୂଦନ। ଏହି ସଭାରେ ସମଗ୍ର ଓଡ଼ିଶର ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦାନ କରିଥିଲେ। ଓଡ଼ିଆମାନଙ୍କ ଦୁଃଖ ଦୁର୍ଦ୍ଦଶା କିପରି ଦୂର ହେବ ଏବଂ ଓଡ଼ିଆ ଭାଷା କିପରି ବଂଚିରହିବ ସେ ସଂପର୍କରେ ଆଲୋଚନା ହୋଇଥିଲା। ଏହି ରମ୍ଭା ପ୍ରାସାଦର ଜାତୀୟ ସଭାରୁ ଗଂଜାମ ସମ୍ମିଳନୀ ଏବଂ ଗଂଜାମ ସମ୍ମିଳନୀରୁ ଜନ୍ମ ନେଲା ଉତ୍କଳ ସମ୍ମିଳନୀ।

ଦୁଃଖର କଥା ମାତ୍ର ୯ ବର୍ଷ ବୟସରେ ରାମଚନ୍ଦ୍ର ପିତାଙ୍କୁ ହରାଇଲେ। ରାଜା ହରିହରଙ୍କ ଦେହାନ୍ତ ଥିଲା ଓଡ଼ିଆ ଜାତି ପାଇଁ ଏକ ଶକ୍ତ ଧକ୍କା। ୧୯୧୧ ମସିହା ମେ ମାସ ୧୦ ତାରିଖ ଦିନ ରାମଚନ୍ଦ୍ରଙ୍କ ବ୍ରତୋପନୟନ ଓ ଅଭିଷେକ ହୋଇଥିଲା। ୧୯୧୮ ମସିହାରେ ସେ ମାନ୍ଦ୍ରାଜ କଲେଜ୍ ସଭାପତି ଦାୟିତ୍ୱ ନେଇଥିଲେ। ମାନ୍ଦ୍ରାଜରୁ ପାଠପଢ଼ା ଶେଷ କରି ୧୯୨୧ ମସିହାରେ ଖଲ୍ଲିକୋଟ ପ୍ରତ୍ୟାବର୍ତ୍ତନ କଲେ ଏବଂ ରାଜ୍ୟଭାର ଗ୍ରହଣ କଲେ।

୧୯୨୨ ମସିହାରେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ଗଂଜାମ ଜିଲ୍ଲା ବୋର୍ଡ଼ ସଭାପତି ଭାବେ ମନୋନୀତ ହେଲେ। ୧୯୨୩ରେ ମାନ୍ଦ୍ରାଜ ଲୋକସଭାର ସଦସ୍ୟ ହେଲେ ଏବଂ ଅବହେଳିତ ଉତ୍କଳୀୟଙ୍କ ଉନ୍ନତିମୂଳକ କାର୍ଯ୍ୟ ସଂପାଦନ ପାଇଁ ସଂକଳ୍ପ ନେଲେ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ମନପ୍ରାଣ ଢ଼ାଳିଲେ। ପ୍ରକାଶଯୋଗ୍ୟ ଯେ, ଏତିକିବେଳେ ଅଣଓଡ଼ିଆମାନେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇ ବିଭିନ୍ନ ଷଡ଼ଯନ୍ତ୍ର କରିବା ହେତୁ ଓଡ଼ିଆମାନେ ବହୁ ଦୁଃଖ ଓ ନିର୍ଯ୍ୟାତନା ଭୋଗ କରୁଥିଲେ। ବ୍ରିଟିଶ୍ ସରକାରଙ୍କ ପ୍ରଶାସନିକ କର୍ତ୍ତୃପକ୍ଷ ସେମାନଙ୍କ ଦ୍ୱାରା ପ୍ରଭାବିତ ହେଉଥିଲେ। ଓଡ଼ିଶାରୁ ବିଛିନ୍ନ ହୋଇଥିବା ଓଡ଼ିଆମାନେ ପ୍ରକୃତରେ ଓଡ଼ିଶାରେ ରହିବାକୁ ଚାହୁଁଛନ୍ତି କି ନାହିଁ, ସେ ସଂପର୍କରେ ତଦନ୍ତ ତଥା ଦେଶ ମିଶ୍ରଣର ଶେଷ ନିଷ୍ପତ୍ତି ପାଇଁ ଗଭର୍ଣ୍ଣର ଜେନେରାଲ୍ ସି.ଏଲ୍. ଫିଲିପ୍ ଓ ମାନ୍ଦ୍ରାଜ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ଏ.ସି.ଡଫ୍. ନିଯୁକ୍ତ ହୋଇଥିଲେ। ଏହି ଫିଲିପ୍‌-ଡଫ୍ କମିଶନ ୭.୧୨.୧୯୨୪ ଠାରୁ ୨୧.୧୨.୧୯୨୪ ଯାଏଁ ତଦନ୍ତ ବେଳେ ଖଲ୍ଲିକୋଟ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ନିଜ ପିତା ସ୍ୱର୍ଗତ ହରିହର ମର୍ଦ୍ଦରାଜଙ୍କ ଦେଶ ମିଶ୍ରଣ ପାଇଁ ମହନୀୟ ଚେଷ୍ଟା ତଥା ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣର ଆବଶ୍ୟକତା, ଓଡ଼ିଆମାନଙ୍କ ଇଚ୍ଛା ଓ ଅଭୀପ୍‌ସା ସଂପର୍କରେ ଯୁକ୍ତିଯୁକ୍ତ ଲିଖିତ ଦାବି ଉପସ୍ଥାପନ କରିଥିଲେ। ତାଙ୍କୁ ଏହି ତଦନ୍ତ କାର୍ଯ୍ୟରେ ସର୍ବଶ୍ରୀ ନିରଞ୍ଜନ ପଟ୍ଟନାୟକ, ହରିହର ପଣ୍ଡା, ମଧୁସୂଦନ ପାଣିଗ୍ରାହୀ, ଶରତ ଚନ୍ଦ୍ର ମହାନ୍ତି ପ୍ରମୁଖ ସହାୟତା କରିଥିଲେ।



ଦାବି ଯୁକ୍ତିଯୁକ୍ତ ବୋଲି କମିଶନ ସ୍ୱୀକାର କରିଥିବା ତାଙ୍କ ରିପୋର୍ଟରୁ ଜଣାଯାଏ।

୧୯୩୧ ମସିହାରେ ଓଡ଼ିଶା ସୀମା ନିର୍ଦ୍ଧାରଣ ପାଇଁ ସାର୍ ସାମୁଏଲ୍ ଓଡ଼ନେଲଙ୍କ ଅଧକ୍ଷତାରେ ଏକ କମିଟି ନିଯୁକ୍ତ ହୋଇଥିଲେ। ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ତା.୭.୧୨.୧୯୩୨ରେ ଲଣ୍ଡନରେ ଅନୁଷ୍ଠିତ ତୃତୀୟ ଗୋଲଟେବୁଲ୍ ବୈଠକରେ ଯୋଗଦାନ କରି ଓଡ଼ନେଲ୍ କମିଟି ସୁପାରିଶ ଅସମୀଚୀନ ଓ ଅଟଲି ସବ୍ କମିଟିର ସୁପାରିଶ ଯଥାର୍ଥ ବୋଲି ଯୁକ୍ତି ଉପସ୍ଥାପନ ପୂର୍ବକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେଉ ବୋଲି ଦାବି କରିଥିଲେ। ସେକ୍ରେଟାରୀ ଅଫ୍ ଷ୍ଟେଟସ୍ ସାର୍ ସାମୁଏଲ୍ ହୋର୍‌ଙ୍କୁ ନିଜ ପରିକଳ୍ପିତ ଓଡ଼ିଶା ପ୍ରଦେଶ ସଂପର୍କରେ ସେ ଅବଗତ କରାଇଥିଲେ।

ଭାରତ ସରକାର ଓ ବିଲାତ ସରକାର ଏକମତ ହୋଇ ତା.୨୪.୧୨.୧୯୩୨ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେବାଲାଗି ସ୍ଥିର ହେଲା। ଏହି ଦିବସଟି ଆମ ଓଡ଼ିଆମାନଙ୍କ ପାଇଁ ଏକ ସ୍ମରଣୀୟ ଦିବସ। ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଏ ଖବର ପାଇ ରାଜା ରାମଚନ୍ଦ୍ରଙ୍କ ନିକଟକୁ ପ୍ରଶଂସା କରି ବାର୍ତ୍ତା ପଠାଇଥିଲେ।

୧୯୩୩ ମସିହାରେ ଜଏଣ୍ଟ୍ ପାର୍ଲାମେଣ୍ଟାରୀ କମିଟି ଆଗରେ ସାକ୍ଷ୍ୟ ପ୍ରଦାନ କରିଥିଲେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ। ତା.୧୭.୩.୧୯୩୩ରେ ଗୋଲଟେବୁଲ୍ ବୈଠକରେ ପ୍ରକାଶିତ ଶ୍ୱେତପତ୍ରରେ ପାରଳାଖେମୁଣ୍ଡି ଓ ଜୟପୁରକୁ ବାଦ୍ ଦିଆଯାଇଥିଲା। ତା. ୬.୧୧.୧୯୩୩ରେ ପାରଳା ରାଜା କୃଷ୍ଣଚନ୍ଦ୍ର ଗଜପତି ଏବଂ ଖଲ୍ଲିକୋଟ ରାଜା ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ମିଳିତ ଉଦ୍ୟମରେ ପାର୍ଲାମେଣ୍ଟ୍ କମିଟି ଓଡ଼ନେଲ କମିଟି ସାକ୍ଷାତ୍ କରାଇ ଓଡ଼ିଶାରେ ଜୟପୁରକୁ ସାମିଲ କରାଗଲା। ମହାରାଜା କୃଷ୍ଣଚନ୍ଦ୍ରଙ୍କ ମତାମତକୁ ସମ୍ମାନ ଦେଇ ପାରଳା ରାଜ୍ୟ ପରିବର୍ତ୍ତେ ପାରଳାର ଉତ୍ତରାଞ୍ଚଳକୁ ପ୍ରସ୍ତାବିତ ପ୍ରଦେଶରେ ମିଶ୍ରଣ ଲାଗି ନିଷ୍ପତ୍ତି ହେଲା। ଭାରତ ଶାସନ ସଂସ୍କାର (୧୯୩୫)ରେ ଓଡ଼ିଶା ପ୍ରଦେଶ ଜନ୍ମ ନେଲା ଏବଂ ଆନୁଷ୍ଠାନିକ ଭାବେ ଏପ୍ରିଲ ୧, ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେଲା।

୧୯୩୭ ମସିହାରେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଅପ୍ରତିଦ୍ୱନ୍ଦ୍ୱୀ ଓଡ଼ିଶା ବିଧାନ ସଭା ସଦସ୍ୟ ହେବା ସହ 'ରାଜାବାହାଦୂର' ଉପାଧିପ୍ରାପ୍ତ ହେଲେ। ୧୯୪୫ ମସିହା ପର୍ଯ୍ୟନ୍ତ ସେ ବିଧାନସଭା ସଦସ୍ୟ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ୧୯୪୫ ମସିହାରେ କେନ୍ଦ୍ର ବ୍ୟବସ୍ଥାପକ ସଭାରେ ସଭ୍ୟ ରୂପେ ନିର୍ବାଚିତ ହୋଇ 'ସାର୍' ଉପାଧି ପାଇଥିଲେ। ୧୯୫୨ ମସିହାରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଓଡ଼ିଶା ବ୍ୟବସ୍ଥାପକ ସଭାକୁ ନିର୍ବାଚିତ ହୋଇଥିଲେ। ୧୯୫୫ ମସିହାରେ ବ୍ରହ୍ମପୁରରେ ଅନୁଷ୍ଠିତ ଭାରତୀୟ ଜାତୀୟ କଂଗ୍ରେସ ଅଧିବେଶନର ସେ ମୁଖ୍ୟ ସଂଗଠକ ଓ ପୃଷ୍ଠପୋଷକ ଥିଲେ। ୧୯୫୭ ମସିହାରେ ବିଧାନସଭା ସଭ୍ୟ ଭାବେ ନିର୍ବାଚିତ ହୋଇ ନଦୀ ଉପତ୍ୟକା, ଉନ୍ନୟନ ଓ ଦୁର୍ନୀତି ନିବାରଣ ମନ୍ତ୍ରୀ ପଦରେ ଅଧିଷ୍ଠିତ ହୋଇଥିଲେ। ୧୯୬୧ ମସିହାରୁ ୧୯୬୩ ମସିହା ପର୍ଯ୍ୟନ୍ତ ବିଧାନସଭା ସଦସ୍ୟ ଓ ରାଜ୍ୟ ସମବାୟ ବ୍ୟାଙ୍କ୍‌ର ସଭାପତି ଥିଲେ। ୧୯୬୩ ମସିହାରେ କଂଗ୍ରେସ ପ୍ରାର୍ଥୀ ଭାବେ ବିଧାନସଭା ସଦସ୍ୟ ରୂପେ ନିର୍ବାଚିତ ହୋଇଥିଲେ।

ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ରାଜ୍ୟ ଶାସନ, ରାଜନୈତିକ ଜୀବନ, ଜନସଂପର୍କକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ସେ ଓଡ଼ିଆ ଜାତି ପାଇଁ ଶ୍ରଦ୍ଧାଶୀଳ ଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ୧୯୬୩ ମସିହା ଜାନୁଆରୀ ୨୩ ତାରିଖ ଦିନ ସେ ଇହଲୀଳା ସମ୍ବରଣ କଲେ। ସେ ଓଡ଼ିଶାର ବରପୁତ୍ର ଏବଂ ଜନକଲ୍ୟାଣ ପାଇଁ ସଦା ସ୍ମରଣୀୟ ହୋଇ ରହିବେ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ଆଧ୍ୟାତ୍ମିକ ପୁରୁଷ ସ୍ୱାମୀ ବିବେକାନନ୍ଦ

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ସନ୍ଥ ରାମକୃଷ୍ଣ ପରମହଂସଙ୍କ ମୁଖ୍ୟ ଶିଷ୍ୟ ନରେନ୍ଦ୍ର ନାଥ ବିଶ୍ୱନାଥ ଦତ୍ତ ବା ସ୍ୱାମୀ ବିବେକାନନ୍ଦ ଭାରତୀୟ ବେଦାନ୍ତ ଓ ଯୋଗ ଦର୍ଶନକୁ ପାଶ୍ଚାତ୍ୟ ଜଗତ୍‌ରେ ସୁପରିଚିତ କରାଇଥିବା ମହାନ ଦାର୍ଶନିକଙ୍କ ମଧ୍ୟରେ ଅନ୍ୟତମ। ସେ ହିନ୍ଦୁ ଧର୍ମକୁ ନବ ରୂପ ଦେବା ସହ ପାଶ୍ଚାତ୍ୟରେ ଲୋକପ୍ରିୟ କରାଇଥିଲେ। ଫଳ ସ୍ୱରୂପ ହିନ୍ଦୁ ଧର୍ମ ଏକ ବିଶାଳ ବିଶ୍ୱ ଧର୍ମର ମାନ୍ୟତା ପାଇଥିଲା। ୧୮୯୩ରେ ଯୁକ୍ତରାଷ୍ଟ୍ର ଆମେରିକାର ଚିକାଗୋରେ ଅନୁଷ୍ଠିତ ବିଶ୍ୱ ସ୍ତରର ଧର୍ମ ସମ୍ମିଳନୀରେ ସେ ଚମତ୍କାର ଭାଷଣ ଦେଇ ଉପସ୍ଥିତ ଧାର୍ମିକ ନର ନାରୀଙ୍କୁ ସ୍ତବ୍ଧ କରିଦେଇଥିଲେ। ସ୍ୱାମୀ ବିବେକାନନ୍ଦ ହିଁ ରାମକୃଷ୍ଣ ମିସନ୍ ଓ ରାମକୃଷ୍ଣ ମଠର ପ୍ରତିଷ୍ଠାତା।

ସ୍ୱାମୀଜୀଙ୍କ ଜନ୍ମ କଲିକତାରେ ହୋଇଥିଲା। ୧୮୬୩ ମସିହା ଜାନୁଆରୀ ୧୨ ତାରିଖରେ। ସେ ଦିନ ଥିଲା ପବିତ୍ର ମକର ସଂକ୍ରାନ୍ତି। ତାଙ୍କର ପିଲାଦିନର ନାମ ଥିଲା ନରେନ୍ଦ୍ର ନାଥ ଦତ୍ତ। ପିତା ବିଶ୍ୱନାଥ ଦତ୍ତ କଲିକତା ହାଇକୋର୍ଟରେ ଜଣେ ବିଶିଷ୍ଟ ଓକିଲ ଥିଲେ। ସେ ପାଶ୍ଚାତ୍ୟ ଚେତା ଥିଲେ। ସେଥିପାଇଁ ପୁତ୍ରକୁ ଇଂରାଜୀ ପଢ଼ାଇ ପାଶ୍ଚାତ୍ୟ ବିଚାରଧାରାର ଅନୁଗାମୀ କରିବାକୁ ଚାହୁଁଥିଲେ। ମାତ୍ର ବିଧିର ବିଧାନ ଥିଲା ଭିନ୍ନ। ସ୍ୱାମୀଜୀଙ୍କ ମାତା ଭୁବନେଶ୍ୱରୀ ଦେବୀ ଭଗବତ୍ ବିଶ୍ୱାସୀ ଥିଲେ। ଯାହାର ପ୍ରଭାବ ପିଲାଦିନୁ ପଡ଼ିଥିଲା ବିବେକାନନ୍ଦଙ୍କ ଉପରେ। ସ୍ୱାମୀଜୀ ବାଲ୍ୟକାଳରୁ ଅତ୍ୟନ୍ତ ବିଚିକ୍ଷଣ ଥିଲେ। ସେ ଭାଗବତ ପ୍ରାପ୍ତି ନିମନ୍ତେ ସର୍ବଦା ବ୍ୟାକୁଳ ଥିଲେ। ଗୁରୁ ରାମକୃଷ୍ଣ ପରମହଂସଙ୍କୁ ଭେଟିବା ପରେ ସ୍ୱାମୀଜୀଙ୍କୁ ଜୀବନର ପରମଲକ୍ଷ୍ୟ ପ୍ରାପ୍ତ ହୋଇଥିଲା।

ସେ କାଲକାତାର ଜେନ୍‌ରଲ୍ ଆସେଂବଲିକ୍ ଇନଷ୍ଟିଚ୍ୟୁସନ୍‌ରେ ପଢୁଥିବା ବେଳର ଏକ ଘଟନା। ଇଂରେଜୀ ସାହିତ୍ୟ ବିଭାଗର ପ୍ରଫେସର ୱିଲିଅମ୍ ହାଷ୍ଟି ୱିଲିଅମ୍ ୱର୍ଡ଼ସୱର୍ଥଙ୍କ ଦ ଏକସକର୍ସନ ପଢ଼ାଉଥାଆନ୍ତି। ଉକ୍ତ କବିତାରେ ଥିବା ଟ୍ରାନ୍‌ସ ଶବ୍ଦ ବାବାଦରେ ବିବେକାନନ୍ଦଙ୍କ ସମେତ ଅନେକ ବିଦ୍ୟାର୍ଥୀ ଅଧିକ ଜାଣିବାକୁ ଚାହିଁବାରୁ ଦକ୍ଷିଣେଶ୍ୱର କାଳୀ ମନ୍ଦିର ଯାଇ ରାମକୃଷ୍ଣଙ୍କୁ ଭେଟିବା ସକାଶେ ସେ ପରାମର୍ଶ ଦେଇଥିଲେ। ବିବେକାନନ୍ଦଙ୍କ ମନକୁ କଥାଟି ପାଇଥିଲେ ହେଁ ସେ ସଙ୍ଗେ ସଙ୍ଗେ ଯାଇପାରି ନଥିଲେ। ୧୮୮୧ରେ ସୁରେନ୍ଦ୍ର ନାଥ ମିତ୍ର (ରାମକୃଷ୍ଣଙ୍କ ପ୍ରମୁଖ ଶିଷ୍ୟ – ଅନୁଗାମୀଙ୍କ ମଧ୍ୟରେ ଜଣେ)ଙ୍କ ଘରେ ପ୍ରଥମ ଥର ପାଇଁ ରାମକୃଷ୍ଣଙ୍କୁ ସେ ଭେଟିଥିଲେ। ରାମକୃଷ୍ଣ, ତାଙ୍କୁ ଭଜନ ଗାଇବାକୁ କହିବାରୁ ସେ ସୁଲଳିତ କଣ୍ଠରେ ଗାଇ, ସମସ୍ତଙ୍କୁ ଅଭିଭୂତ କରିଥିଲେ। ସୁବିଧା ହେଲେ କାଳୀ ମନ୍ଦିର ଆସି ଦେଖା କରିବା ନିମନ୍ତେ ରାମକୃଷ୍ଣ କହିଥିଲେ। ସେହି ବର୍ଷ ଶେଷ ଆଡ଼କୁ ବିବେକାନନ୍ଦ ଯାଇଥିଲେ। ଦ୍ୱିତୀୟ ସାକ୍ଷାତ୍‌ରେ ରାମକୃଷ୍ଣଙ୍କ ବ୍ୟକ୍ତିତ୍ୱ, ତାଙ୍କୁ ଭଲ ଲାଗିଥିଲା ଏବଂ ସେ ବାରମ୍ବାର ଦେଖାକରିଥିଲେ। ଏହା ଦ୍ୱାରା ତାଙ୍କ ଜୀବନ ସଂପୂର୍ଣ୍ଣ ଭାବେ ବଦଳି ଯାଇଥିଲା। ତେବେ କିଛି ବି ହଠାତ୍ ଘଟି ନଥିଲା। ବିବେକାନନ୍ଦ ଭେଟୁଥିଲେ, ରାମକୃଷ୍ଣଙ୍କୁ ଶୁଣୁଥିଲେ। ହେଲେ, ମନରୁ ସଂଶୟ ଦୂର ହେଉ ନଥିଲା। ଏମିତି ବେଶ୍ କିଛି ବର୍ଷ କଟିଯାଇଥିଲା। ୧୮୮୪ରେ




ବିବେକାନନ୍ଦ ପିତାଙ୍କୁ ହରାଇଲେ। ତାଙ୍କ ପରିବାରର ଆର୍ଥିକ ସ୍ଥିତି ବିଗିଡ଼ିଗଲା। ଏତେ ସମସ୍ୟା ସୃଷ୍ଟି ହେଲା ଯେ, ଭଗବାନଙ୍କ ଉପରୁ ଆସ୍ଥା ହରାଇବା ପରି ଲାଗିଲା। ସେ ରାମକୃଷ୍ଣଙ୍କୁ ଭେଟି ଆର୍ଥିକ ସମସ୍ୟାର ସମାଧାନର ପନ୍ଥା ଜାଣିବାକୁ ଚାହିଁଲେ। ରାମକୃଷ୍ଣ ସେ ଦିନ କହିଥିଲେ, ତାଙ୍କ ହାତରେ କିଛି ନାହିଁ। ଯାହା ମାଗିବକୁ ଯାଇଥିଲେ ସତ, ପାର୍ଥିବ ଧନ ସଂପଦ ଆଦି ବଦଳରେ ମାଗି ବସିଲେ ଜ୍ଞାନ ଭକ୍ତି। ଉକ୍ତ ଘଟନାର କିଛି ଦିନ ପରେ ସେ ରାମକୃଷ୍ଣଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ। ୧୮୮୬ରେ ଗୁରୁଙ୍କ ମହାପ୍ରୟାଣ ପରେ, ତାଙ୍କର ମହାନ ବାଣୀର ପ୍ରଚାର ପାଇଁ ବରାନଗରରେ ପ୍ରଥମ ରାମକୃଷ୍ଣ ମଠ ପ୍ରତିଷ୍ଠା କରିଥିଲେ।

୧୮୯୯ ସେପ୍ଟେମ୍ବର ମାସରେ ସ୍ୱାମୀ ବିବେକାନନ୍ଦ କାଶ୍ମୀରରେ ଅମରନାଥଙ୍କ ଦର୍ଶନ ପରେ ଶ୍ରୀନଗରର କ୍ଷୀର ଭବାନୀ ମନ୍ଦିରରେ ପହଞ୍ଚିଲେ। ସେଠାରେ ସେ ମା' କାଳୀଙ୍କୁ ସ୍ମରଣ କରି ସମାଧି ନେଲେ। ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ସେ ନବରାତ୍ରୀରେ ଏକାନ୍ତ ସାଧନା କରିଥିଲେ। ସ୍ୱାମୀଜୀ ପ୍ରତିଦିନ ବାଳିକା ରୂପରେ ମା'କାଳୀଙ୍କ ଦର୍ଶନ କରୁଥିଲେ ଏବଂ ତାଙ୍କର ପୂଜା କରୁଥିଲେ। ସ୍ୱାମୀ ବିବେକାନନ୍ଦ କହୁଥିଲେ, ବ୍ରହ୍ମ ଏବଂ କାଳୀ, ଈଶ୍ୱର ଏବଂ ତାଙ୍କ କ୍ରିୟାଶକ୍ତି ଅଗ୍ନି ଏବଂ ତାହାର ଦହନ ଶକ୍ତି ସମାନ ଏବଂ ଅଭେଦ୍ୟ। ସ୍ୱାମୀଜୀଙ୍କ ଗୁରୁ ରାମକୃଷ୍ଣ ପରମହଂସ ମୃତ୍ୟୁ ପୂର୍ବରୁ କହିଥିଲେ ନରେନ୍ କାଳୀ ମା' ତୋର ପ୍ରତିଟି ପଦକ୍ଷେପରେ ମାର୍ଗଦର୍ଶନ କରିବେ। ମୃତ୍ୟୁ ପର୍ଯ୍ୟନ୍ତ ମା'କାଳୀଙ୍କ ଉପସ୍ଥିତି ବୋଧ କରୁଥିଲେ ସ୍ୱାମୀଜୀ। ଏହି ଅଭିଜ୍ଞତାରୁ ସେ କାଳୀ ଦି ମଦର୍ କବିତା ଲେଖିଥିଲେ।

ସେ ଭାଗବତ ପ୍ରାପ୍ତି ନିମନ୍ତେ ସର୍ବଦା ବ୍ୟାକୁଳ ଥିଲେ। ଗୁରୁ ରାମକୃଷ୍ଣ ପରମହଂସଙ୍କୁ ଭେଟିବା ପରେ ସ୍ୱାମୀଜୀଙ୍କୁ ଜୀବନର ପରମଲକ୍ଷ୍ୟ ପ୍ରାପ୍ତ ହୋଇଥିଲା। ସ୍ୱାମୀଜୀ ସ୍ୱପ୍ନଦ୍ରଷ୍ଟା ଥିଲେ। ସେ ଏଭଳି ଏକ ସମାଜର କଳ୍ପନା କରିଥିଲେ, ଯେଉଁଠି ଧର୍ମ ଏବଂ ଜାତି ଆଧାରରେ ସାମାଜିକ ବିଭାଜନ ନଥିବ। ସେ ବେଦାନ୍ତ ସିଦ୍ଧାନ୍ତକୁ ଏହି ରୂପରେ ଦେଖିଥିଲେ। ବିବେକାନନ୍ଦ ଯୁବକଙ୍କ ପାଇଁ ନୂତନ ଆଶା ଥିଲେ। ବର୍ତ୍ତମାନର ଯୁବପୀଢ଼ି ପାଇଁ ଏହି ଓଜସ୍ୱୀ ସନ୍ନ୍ୟାସୀଙ୍କ ଜୀବନ ଏକ ପରମ ଆଦର୍ଶ। ଚିକାଗୋ ଧର୍ମ ସମ୍ମିଳନୀରେ ବିବେକାନନ୍ଦଙ୍କ ଓଜସ୍ୱିନୀ ଭାଷଣ ବିଶ୍ୱ ଦରବାରରେ ଭାରତ ଏବଂ ଭାରତର ଆଧ୍ୟାତ୍ମିକତାର ଛବିକୁ ଅଧିକ ଉଜ୍ଜ୍ୱଳ କରିଥିଲା। ମାତୃଭୂମିକୁ ସେ ଅତି ଭଲ ପାଉଥିଲେ। ଥରେ ବିଦେଶରୁ ଫେରିବା ସମୟରେ ଜାହାଜରୁ ଦୌଡ଼ି ଆସି ସ୍ୱାମୀଜୀ ଭାରତ ଭୂଖଣ୍ଡ ମାଟି ଛୁଇଁ ଆତ୍ମହରା ହୋଇପଡ଼ିଥିଲେ। ଯୁବକମାନଙ୍କ ନେଇ ସ୍ୱାମୀଜୀ ଅନେକ ଆଶା ରଖିଥିଲେ। ଉତ୍ସାହୀ, ଉଦ୍ୟମୀ ଯୁବକମାନେ ହିଁ ଭାରତର କଲ୍ୟାଣ କରିପାରିବେ ବୋଲି ବିବେକାନନ୍ଦ ମତ ରଖିଥିଲେ। ସେ ଯୁବକମାନଙ୍କୁ ଉଭୟ ଇଂରାଜୀ ଏବଂ ସଂସ୍କୃତ ଶିକ୍ଷା ଲାଗି ରହୁଥିଲେ। କାରଣ ଇଂରାଜୀ ଶିକ୍ଷା ଦ୍ୱାରା ସେମାନେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଜ୍ଞାନ ଆହରଣ କରିପାରିବେ। ସଂସ୍କୃତ ଶିକ୍ଷା ସେମାନଙ୍କୁ ଭାରତୀୟ ଦର୍ଶନ ଏବଂ ମୂଲ୍ୟବୋଧ ସହିତ ପରିଚିତ କରାଇପାରିବ। ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀକୁ ଭାରତରେ ଜାତୀୟ ଯୁବ ଦିବସ ଭାବେ ପାଳନ କରାଯାଇଥାଏ।

ସହ–ପ୍ରତିରତ୍ୱିକ ଓ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭/ ୯୩୩୮୧୦୦୮୩୭




# ଘଂଟାପଡାରେ ଆୟୋଜିତ ହେଲା ସ୍ୱଚ୍ଛ ଭାରତ ଅଭିଯାନ ସହିତ ଟିବି ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ,(ପିଏନ)-ଘଂଟାପଡାରେ ସ୍ୱଚ୍ଛ ଭାରତ ଅଭିଯାନ ସହିତ ଟିବି ସଚେତନତା କାର୍ଯ୍ୟକ୍ରମ ଆଜି ଆୟୋଜିତ ହୋଇଛି। ମେଡ଼ିକାଲ ଅଫିସର ଡାକ୍ତର ଗୀତାଞ୍ଜଳି ବାଘଙ୍କ ତତ୍ୱାବଧାନରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ଘଂଟାପଡା ଡାକ୍ତରଖାନା ପରିସର, ମହାବିଦ୍ୟାଳୟ ପରିସରକୁ ସଫା କରିଥିଲେ। ସେହିପରି ଟିବି ହାରିବ ଦେଶ ଜିତିବ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

କାର୍ଯ୍ୟକ୍ରମରେ ଘଂଟାପଡା ମହାବିଦ୍ୟାଳୟର ଅଧାପକ, ଛାତ୍ରଛାତ୍ରୀ, ସ୍ୱାସ୍ଥ୍ୟକର୍ମୀ, ଆଶାଦିଦି, ଅଙ୍ଗନବାଡି କର୍ମୀ ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ସଚେତନତା ଶୋଭାଯାତ୍ରା ଘଂଟାପଡା ଗ୍ରାମ ପରିକ୍ରମା କରି ଲୋକମାନଙ୍କୁ ସଚେତନତାର ବାର୍ତା ବାଂଟିଥିଲେ। ସେହିପରି ମନମୁଣ୍ଡା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଥିବା ଘଂଟାପଡା ଠାରେ ସ୍ୱଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଘଂଟାପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମେଡ଼ିକାଲ ଅଫିସର ଡାକ୍ତର ଗୀତାଞ୍ଜଳି ବାଘଙ୍କ ନିର୍ଦେଶ ତଥା ପ୍ରତ୍ୟକ୍ଷ ତତ୍ୱାବଧାନରେ ପ୍ରଥମେ ଘଣ୍ଟାପଡା ଡାକ୍ତରଖାନା ପରିସରରେ ଆଶାଦିଦିମାନେ ମଇଳା, ଆବର୍ଜନା ସଫା କରିଥିଲେ। ଡାକ୍ତର ବାଘଙ୍କ ଅନୁରୋଧକୁ ରକ୍ଷାକରି ଘଂଟାପଡା ମହାବିଦ୍ୟାଳୟର ଅଧାପକ , ଅଧାପିକାଙ୍କ ସହଯୋଗରେ ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟ ପରିସରକୁ ସଫାସୁତୁରା କରିଥିଲେ। ଘଂଟାପଡା ଡାକ୍ତର ବାଘଙ୍କ ଉଦ୍ୟମକୁ ମନମୁଣ୍ଡା ଡାକ୍ତରଖାନାର ଅଧକ୍ଷ ମହେନ୍ଦ୍ର କୁମାର ସଏ, ବିପିଏମ ରାକେଶ ମହାପାତ୍ର ପ୍ରସଂସା କରିଛନ୍ତି। ଘଂଟାପଡାରେ ଟିବି ହାରିବ ଦେଶ ଜିତିବ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ମନମୁଣ୍ଡା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ଘଂଟାପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମେଡ଼ିକାଲ ଅଫିସର ଡାକ୍ତର ଗୀତାଞ୍ଜଳି ବାଘଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟକର୍ମୀ, ଆଶାଦିଦି ଅଙ୍ଗନବାଡି କର୍ମୀ ପ୍ରମୁଖ ବ୍ୟାନର ଧରି ଘଂଟାପଡା ଗ୍ରାମ ପରିକ୍ରମା କରି ଲୋକମାନଙ୍କୁ ସଚେତନ କରିଥିଲେ। କେଉଁ କାରଣରୁ ଲୋକମାନେ ଟିବି ରେ ଆକ୍ରାନ୍ତ ହେଉଛନ୍ତି, ଆକ୍ରାନ୍ତ ମାନେ ଡାକ୍ତରଙ୍କ ସହ ପରାମର୍ଶ କରି କେଉଁ ଔଷଧ ସବୁ ବ୍ୟବହାର କରିବେ ବୁଝି ନେବାକୁ, ଏବଂ ଟିବି ରେ ଆକ୍ରାନ୍ତ ନ ହେବା ପାଇଁ କଣ ସବୁ ପଦକ୍ଷେପ ନିଆଯିବ ଇତ୍ୟାଦି ଲୋକମାନଙ୍କୁ ବୁଝାଇଥିଲେ।

# ଟ୍ରାଙ୍କୁଲାଇଜ୍ ହେଲା ଦନ୍ତାହାତୀ

ପୁରୀ, (ପିଏନ)- ଶେଷରେ ଟ୍ରାଙ୍କୁଲାଇଜ୍ ହୋଇଛି ଦନ୍ତାହାତୀ । ଚନ୍ଦକା ଜଙ୍ଗଲରୁ ଚନ୍ଦନପୁର ପର୍ଯ୍ୟନ୍ତ ଆସିଥିବା ଏହି ଦନ୍ତାହାତୀ ଗତକାଲି ରାତି ୧୧ଟାରେ ଚନ୍ଦନପୁର ନିକଟ ପ୍ରତାପ ପୁରୁଷୋତମପୁରରୁ ପୁରୀ ସହର ସନ୍ନିକଟ ଖଣ୍ଡିଆବନ୍ଧକୁ ଆସିଥିଲା । ସେଠାରୁ ସହରର କୋଳାହଳ ଶୁଣି ବୀର ହରେକୃଷ୍ଣପୁର ଦେଇ ବାଲିଗୁଆଳି ଛକକୁ ଯାଇଥିଲା । ବାଲିଗୁଆଳି ଛକରୁ ବାଲୁଖଣ୍ଡ ଅଭୟାରଣ୍ୟରେ ପ୍ରବେଶ କରିଥିଲା । ଆଜି ସକାଳେ କେତେକ ଗ୍ରାମବାସୀ ବନ ବିଭାଗକୁ ଏନେଇ ଖବର ଦେବାରେ ବନ ବିଭାଗ କର୍ମଚାରୀ ହାତୀଟି ନୂଆନଇ ନିକଟ ନେଚର କ୍ୟାମ୍ପ ପଛପଟେ ବୁଲୁଥିବାର ଦେଖିଥିଲେ । ଏହାପରେ ତାକୁ ସେଠାରେ ଟ୍ରାଙ୍କୁଲାଇଜ କରିଥିଲେ । ଟ୍ରାଙ୍କୁଲାଇଜ୍ ପରେ ହାତୀଟି ନିସ୍ତେଜ ହୋଇ ତଳେ ପଡିଯାଇଥିଲା । ପରେ ତାକୁ କ୍ରେନ ଓ ଟ୍ରକ ଯୋଗେ ଚନ୍ଦକା ଜଙ୍ଗଲରେ ଛଡ଼ାଯିବା ପାଇଁ ବ୍ୟବସ୍ଥା ହୋଇଛି । ହାତୀଟି ୨ ଦିନ ଧରି ଚନ୍ଦନପୁର ଓ ପୁରୀ ସହର ନିକଟରେ ଚରାବୁଲା କରିବା ଯୋଗୁ ଅଂଚଳବାସୀ ଭୟଭୀତ ହାଇପଡ଼ିଥିଲେ । ବନ ବିଭାଗର ୭ଟି ଟିମ୍ ହାତୀର ଗତିବିଧି ଉପରେ ନଜର ରଖିଥିଲେ । ତେବେ ହାତୀଟି କୌଣସି କ୍ଷୟକ୍ଷତି କରିନଥିବା ଜଣାପଡ଼ିଛି । ହାତୀଟିକୁ ଏଠାରୁ ନିଆଯିବା ପରେ ଅଂଚଳବାସୀ ଆଶ୍ୱସ୍ତି ଲାଭ କରିଛନ୍ତି ।

# ବ୍ଲକ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

କନ୍ଧମାଳ(ପିଏନ)- ଖଜୁରୀପଡ଼ା ବ୍ଲକ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ବ୍ଲକ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇ ଉଦଯାପିତ ହୋଇ ଯାଇଛି । ରାଜ୍ୟରେ ପୁରୁଷ ହକି ବିଶ୍ୱକପ ଆୟାଜନ ହେଉଥିବା ବେଳେ ସାରାରାଜ୍ୟରେ ପଂଚାୟତ ଠାରୁ ଆରମ୍ଭକରି ଜିଲ୍ଲା ସ୍ତରୀୟ କ୍ରୀଡ଼ା ମହୋତ୍ସବ ଚାଲୁରହିଛି ସରକାରୀ ସ୍ତରରେ।

ଖଜୁରୀପଡା ବ୍ଲକର କ୍ରୀଡ଼ା ପ୍ରତିଯୋଗିତାରେ ଖଜୁରୀପଡ଼ା ବ୍ଲକ ଅଧିନସ୍ଥ ବିଭିନ୍ନ ଗ୍ରାମପଂଚାୟତର ପ୍ରତିଯୋଗୀ ଅଂଶ ଗ୍ରହଣ କରି ବ୍ଲକ ସ୍ତରୀୟ କ୍ରୀଡ଼ା ରେ ଅଂଶ ଗ୍ରହଣ କରିଥିଲେ ।କ୍ରୀଡ଼ା ପ୍ରତିଯୋଗିତାରେ ଅରାପାଜୁ, ଖଜୁରୀପଡ଼ା, ଦୁତିପଡ଼ା, ଆର ନୂଆଗାଁ, ଦଳପଡା, ଦୁତିମେଣ୍ଡି, ପିରିକୁଡ଼ି, ଟିଗ୍ରାପଙ୍ଗା, ସୁଦ୍ରୁକୁମ୍ପା, ସୁଡ୍ରେଜୁ ଗ୍ରାମପଂଚାୟତରୁ ଖେଳାଳୀ ମାନେ ଉପସ୍ଥିତ ହୋଇ ଫୁଟବଲ ଏବଂ କବାଡି ରେ ସେମାନଙ୍କ ପ୍ରତିଭା ଦେଖାଇଥିବା ବେଳେ ସେମାନଙ୍କ ମଧ୍ୟରୁ ବିଭିନ୍ନ ଖେଳାଳୀ ଜିଲ୍ଲା ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ପାଇଁ ଚୟନ ହୋଇଥିଲେ। ସେହିଭଳି ମହିଳା ଖୋଖୋ ପ୍ରତି ଯୋଗିତାରେ ଦୁତିମେଣ୍ଡି, ସୁଦ୍ରୁକୁମ୍ପା, ଖଜୁରୀପଡା ଦଳ ଭାଗ ନେଇଥିଲେ । ମହିଳା ଖୋଖୋ ଖେଳରେ ଖଜୁରୀପଡ଼ା ଦଳ ବିଜେୟୀ ହୋଇଥିବା ବେଳେ ସୁଡ୍ରୁକୁମ୍ପା ଦଳ ଉପ ବିଜେତା ଭାବେ ଘୋଷିତ ହୋଇଥିଲା ।ସେହି ଭଳି କବାଡି ପ୍ରତିଯୋଗିତାରେ ଦୁତିମେଣ୍ଡି ଦଳ ବିଜୟୀ ହୋଇଥିବା ବେଳେ ଖଜୁରୀପଡ଼ା ଉପ ବିଜେତା ଘୋଷିତ ହୋଇଥିଲା, ମହିଳା କବାଡି ପ୍ରତିଯୋଗିତାରେ ଦୁତିମେଣ୍ଡି ବିଜୟୀ ହୋଇଥିବା ବେଳେ ବଲସକୁମ୍ପା ଉପ ବିଜେତା ବ୍ୟାଟ ମିଣ୍ଟନ ପ୍ରତିଯୋଗିତାରେ ଖଜୁରୀପଡ଼ା ବିଜୟୀ ହୋଇଥିବା ବେଳେ ଆର ନୂଆଗାଁ ଉପ ବିଜେତା ଫୁଟବଲ ପ୍ରତିଯୋଗିତାରେ ଆର ନୂଆଗାଁ ବିଜେୟୀ ହୋଇଥିବା ବେଳେ ଖଜୁରୀପଡ଼ା ଉପ ବିଜେତା ଘୋଷିତ ହୋଇଥିବା ଜଣା ଯାଇଛି ।

ଉକ୍ତ ପ୍ରତିଯୋଗିତାରେ ପ୍ରତ୍ୟେକ କ୍ରୀଡ଼ାରୁ ଖେଳାଳି ଚୟନ କରି ଖଜୁରୀପଡ଼ା ବ୍ଲକର ଏକ ସ୍ୱତନ୍ତ୍ର ଦଳ ବଛା ଯାଇଥିବା ବେଳେ ଏହି ଦଳ ଆସନ୍ତା ଜାନୁୟାରୀ ତେର ତାରିଖରେ ଫୁଲବାଣୀ ଠାରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ କ୍ରୀଡାରେ ଭାଗ ନେବେ ବୋଲି ଜଣା ପଡିଛି ।

ଉକ୍ତ କ୍ରୀଡ଼ା ଉତ୍ସବ ଟିକୁ ଖଜୁରୀପଡା ପଂଚାୟତ ସମିତି ଅଧକ୍ଷା ସୁଶ୍ରୀ ଅନିମା କହଁର ଉଦଘାଟନ କରିବା ସହିତ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହିତ କ୍ରୀଡ଼ା ଶେଷରେ ବିଜେତା ଏବଂ ଉପ ବିଜେତା ଦଳ ମାନଙ୍କୁ ମାନପତ୍ର ସହିତ ଟ୍ରଫି ପ୍ରଦାନ କରିଥିଲେ ।

ସେହିଭଳି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପମା ଘୋଷ ସମ୍ମାନିତ ଅତିଥି ଭାବେ ଖଜୁରୀପଡ଼ା ଜିଲ୍ଲା ପରିଷଦ ସଭ୍ୟା ଉର୍ବଶୀ ଦିଗାଲ, ସରପଂଚ ମନୋରଞ୍ଜନୀ ଯାନୀ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ପ୍ରଦାନ କରିଥିଲେ। ବିଭିନ୍ନ ପଂଚାୟତର ସରପଂଚ ସମିତିସଭ୍ୟ ପ୍ରମୁଖ ନିଜର ପଂଚାୟତ ଖେଳାଳି ମାନଙ୍କୁ ଉତ୍ସାହିତ କରିବାକୁ ଉପସ୍ଥିତ ଥିଲେ ।ଖଜୁରୀପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀଅନୁପମା ଘୋଷଙ୍କ ତତ୍ତ୍ୱାବଧାନରେ ଏହି ବ୍ଲକ ସ୍ତରୀୟ କ୍ରୀଡ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଅତିରିକ୍ତ ବିଡିଓ ସଲିଲ ଦାସ, ବିଏସଏସଓ ମନୋଜ କୁମାର ସାହୁ, ସହକାରୀ ଯନ୍ତ୍ରୀ ସଲିଲ ସ୍ୱାଇଁ,ଯନ୍ତ୍ରୀ ସନ୍ତୋଷିନି ସାହୁ,ସମସ୍ତ ପିଇଓ ଏବଂ ପଂଚାୟତ ସମିତି ର କର୍ମଚାରୀ ମାନେ ସହଯୋଗ କରିଥିଲେ, ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଶିକ୍ଷୟତ୍ରୀ ତଥା ଅଶ୍ୱିନୀ କୁମାର ପ୍ରଧାନ, ତ୍ରିଲୋଚନ ନାୟକ, ସନ୍ତୋଷ କୁମାର ପ୍ରଧାନ, ବାଇଧର ବିଶ୍ୱାଳ, ରେଣୁବାଳା ବେହେରା ବନ୍ଦନା ପଟ୍ଟନାୟକ ସୁଜାତା ବିଶ୍ୱାଳ, ଗୀତାଞ୍ଜଳି କହଁର, ନସିବ କୁମାର ପ୍ରଧାନ, ଅନାଦି ବେହେରା, ପ୍ରଦୀପ କୁମାର ସାହୁଙ୍କ ସମେତ ଅନ୍ୟ କ୍ରୀଡ଼ା ଶିକ୍ଷକ ଖେଳ ପରିଚାଳନା କରିବାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ସେହିଭଳି ଖଜୁରୀପଡ଼ା ଉଚ୍ଚ ବିଦ୍ୟାଳୟର ପୂର୍ବତନ ଖେଳାଳି ତଥା ଜାତୀୟ ସ୍ତରୀୟ ଖେଳାଳି ସନ୍ତୋଷ କୁମାର ବେହେରା (ମଣ୍ଟୁ), ସୁନୀଲ କୁମାର ବେହେରା, ବିକାଶ କୁମାର ଦିଗାଲ, ସାନୁଜ ଦିଗାଲ ପ୍ରମୁଖ ସହଯୋଗ କରିଥିଲେ ।

# ପୁରୀ ସମୁଦ୍ର କୂଳରେ ବିଶ୍ୱ ହକିମ୍ୟାଚ ଦେଖିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ପୁରୀ, (ପିଏନ)-ଓଡିଶା ଆୟୋଜନ କରୁଛି ୨୦୨୩ ର ପୁରୁଷ ହକି ବିଶ୍ୱକପ। ଏହାକୁ ସ୍ମରଣୀୟ ଓ ଆକର୍ଷଣୀୟ କରିବା ପାଇଁ ପୁରୀ ଜିଲ୍ଲା ପ୍ରଶାସନ ଗ୍ରହଣ କରିଛି ବିବିଧ କାର୍ଯ୍ୟକ୍ରମ। ଚଳିତ ମାସ ୧୧ ତାରିଖ ଅପରାହ୍ନରେ କଟକ ବାରବାଟୀ ଷ୍ଟାଡିୟମ ଠାରେ ଏହାର ଉଦଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିବେ। ଏଥିରେ ବଲିଉଡ କଳାକାର ରଣବୀର ସିଂ, ଦିଶା ପଟାନୀ, ଗାୟକ ପ୍ରିତମ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି କ୍ରିଡା ବିଭାଗ ସୂତ୍ରରୁ ପ୍ରକାଶ।

ଏହାର ସିଧା ପ୍ରସାରଣ ଏକ ବିରାଟ ଏଲଇଡି ଟିଭି ମାଧମରେ ପୁରୀ ସମୁଦ୍ର କୂଳ ଭିକ୍ଟୋରିଆ ହୋଟେଲ ସମ୍ମୁଖରେ ଯାହା ସିଟି ଫେଷ୍ଟ ଇନ୍ ଓଲିସ୍ ଲ୍ୟାଣ୍ଡ' ନାମରେ ନାମିତ ହୋଇଛି ସେଠାରେ ବ୍ୟବସ୍ଥା କରାଯାଇଛି।ସେଠାରେ ମଧ ବିଶ୍ୱକପର ଏକ ପ୍ରତିକୃତି ସ୍ଥାପିତ ହୋଇଛି। ଏଥି ସହ ସାଂସ୍କୃତିକ କାର୍ଯ୍ୟକ୍ରମ, ବିଭିନ୍ନ କ୍ରିଡା ପ୍ରତିଯୋଗିତା, ଫୁଡ ପାର୍କ ର ଆୟୋଜନ କରାଯାଇଛି। ଅପରପକ୍ଷରେ ଜାନୁଆରୀ ୧୩ ତାରିଖ ଠାରୁ ୨୯ ତାରିଖ ପର୍ଯ୍ୟନ୍ତ ଏହି ସ୍ଥାନରେ ବିଶ୍ୱକପର ସମସ୍ତ ମ୍ୟାଚ ର ସିଧା ପ୍ରସାରଣ କରାଯିବ। ମ୍ୟାଚର ବିରତି ସମୟରେ ସାଂସ୍କୃତିକ ଓ କ୍ରିଡା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜିଲ୍ଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି। ସେହିପରି ସମସ୍ତ ବ୍ଲକ, ଏନଏସି ଓ ପଂଚାୟତ ମାନଙ୍କରେ ମଧ ଏଲଇଡି ଟିଭି ମାଧମରେ ଉଦଘାଟନ କାର୍ଯ୍ୟକ୍ରମ ଏବଂ ବିଶ୍ୱକପର ସମସ୍ତ ମ୍ୟାଚ ର ସିଧା ପ୍ରସାରଣ କରାଯିବ।ଆଜି ଜିଲ୍ଲାପାଳ ଶ୍ରୀ ବର୍ମା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଜିଲ୍ଲା କ୍ରିଡା ଅଧିକାରୀ ଚନ୍ଦନ ସାହୁ ସହକାରୀ ନିର୍ଦେଶକ ପର୍ଯ୍ୟଟନ ସରୋଜ କୁମାର ପ୍ରଧାନ ପ୍ରମୁଖ କ୍ଷେତ୍ର ପରିଦର୍ଶନ କରି କାର୍ଯ୍ୟ ସମୀକ୍ଷା କରିଥିଲେ।

# ୭୪ ତମ ଜିଲାସ୍ତରିୟ ସାଧାରତନ୍ତ୍ର ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ

**ମାଲକାନଗିରି,(ପିଏନ)-** ୭୪ ତମ ଜିଲାସ୍ତରିୟ ସାଧାରତନ୍ତ୍ର ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲାରେ ସାଧାରତନ୍ତ୍ର ଦିବସ କିଭଳି ସଫଳତାର ସହ ପାଳନ କରାଯିବ ସେନେଇ ଏଠାରେ ଆଲୋଚନା କରାଯାଇଥିଲା। ପୂର୍ବ ବର୍ଷ ଅନୁଯାୟୀ ବିଭିନ୍ନ ବିଭାଗକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେହିପରି ବିଭିନ୍ନ ବିଭାଗର ଉତମ କାର୍ଯ୍ୟ ସମ୍ପାଦନ କରିଥିବା ଦକ୍ଷ ଅଧିକାରୀ ଓ କର୍ମଚାରୀଙ୍କୁ ସାଧାରଣତନ୍ତ୍ର ଦିବସରେ ସମ୍ବର୍ଦ୍ଧନା ଦିଆଯିବ। ଚଳିତ ବର୍ଷ ପ୍ରଜ୍ଞାପନ ମେଢ଼, ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ଆୟୋଜନ ହେବ। ସେହିପରି ଡିଏନକେ ଖେଳ ପଡିଆ ଠାରେ ପ୍ରଶାସନ ଏବଂ ମିଡ଼ିଆ ବନ୍ଧୁମାନଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଖେଳାଯିବ ।

ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବଳଭଦ୍ର ଦୀପ, ଉପ ଜିଲ୍ଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁ, ତହସିଲଦାର ଚନ୍ଦନ ଭୋଇ, ଜିଲ୍ଲା ମଙ୍ଗଳ ଅଧିକାରୀ କୃପାସିନ୍ଧୁ ବେହେରା, ପୌର ପରିଷଦ ନିର୍ବାହୀ ଅଧିକାରୀ କାହ୍ନୁଚରଣ ପଟ୍ଟନାୟକ, ଜିଲ୍ଲାର ଅନ୍ୟାନ୍ୟ ଅଧିକାରୀ, ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ, ସାମାଜିକ ସଂଗଠନର ସଦସ୍ୟ ଏବଂ ଗଣମାଧମର ପ୍ରତିନିଧି ଯୋଗ ଦେଇଥିଲେ। ପରିଶେଷରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୬ତମ ପ୍ରତିଷ୍ଠା ଦିବସରେ ଭଦ୍ରକ ବିଜେଡିର ଦମଦାର ଶକ୍ତି ପ୍ରଦର୍ଶନ

ଭଦ୍ରକ, (ପିଏନ)- ଭଦ୍ରକ ବିଧାନସଭା କ୍ଷେତ୍ରରେ ବିଧାୟକ ସଂଜୀବଙ୍କ ବିକଳ୍ପ ନାହିଁ । ଆଜି ବିଜେଡିର ୨୬ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଦଳର ରାଜ୍ୟସ୍ତରୀନେତାଙ୍କ ଠାରୁ ଆରମ୍ଭ କରି ପଂଚାୟତସ୍ତରୀୟ ନେତାମାନେ ଆଜି ଖୋଲାଖୋଲି ଭାବେ ଏହି ଭାଷଣ ରଖିଛନ୍ତି । ଆଜି ଥିଲା ଭଦ୍ରକ ବିଧାନସଭା କ୍ଷେତ୍ର ବିଜେଡିର ପ୍ରତିଷ୍ଠା ଦିବସ ସମାରୋହ ଉତ୍ସବ। ଅନ୍ୟୁନ୍ୟ ୩୦ହଜାରରୁ ଅଧିକ ବିଜେଡି କର୍ମୀଙ୍କ ସମାବେଶ ସାରା ନିର୍ବାଚନ ମଣ୍ଡଳୀରେ ଚର୍ଚ୍ଚାର ବିଷୟ ହୋଇଛି। ନିର୍ବାଚନ ନଥିବା ବେଳେ ପ୍ରତିଷ୍ଠା ଦିବସରେ ଏଭଳି ଜନସମାବେଶ ଭଦ୍ରକର ଯୁବ ବିଧାୟକ ସଂଜୀବଙ୍କ ଦୃଢ ନେତୃତ୍ୱକୁ ପ୍ରତିପାଦନ କରୁଛି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଆଜି ଭଦ୍ରକ ନେହେରୁ ଷ୍ଟାଡିୟମରେ ଯେଉଁ ସମାବେଶ ଅନୁଷ୍ଠିତ ହୋଇଥିଲା ଏହି ସମାବେଶରେ ୧୦ହଜାରରୁ ଅଧିକ ମହିଳାଙ୍କ ଉପସ୍ଥିତି ପରିଲକ୍ଷିତ ହୋଇଥିଲା। ଗୁରୁତ୍ୱପୂର୍ଣ୍ଣ କଥା, ବିଧାୟକ ସଂଜୀବଙ୍କ ନେତୃତ୍ୱରେ ଆଜି ଏକ ବିରାଟ ବାଇକ୍ ଶୋଭାଯାତ୍ରା ଆୟୋଜନ କରିଥିଲେ ଓ ଏଥିରେ ୧୦ ହଜାର ବାଇକ୍‌ରେ ୨୦ହଜାରରୁ ଅଧିକ ଯୁବ-ଛାତ୍ର କର୍ମୀ ସାମିଲ ହୋଇଥିଲେ। ଏତେ ବଡ ସମାବେଶର ଆୟୋଜନ ସହିତ ସଭାମଂଚରେ ଉପସ୍ଥିତ ନେତାମାନଙ୍କ ଭାଷଣ ବିଜେଡି କର୍ମୀମାନଙ୍କୁ ବେଶ ଉତ୍ସାହିତ କରିଥିଲା । ସଭା ମଂଚରେ ଏଲ୍.ଇ.ଡି ଜରିଆରେ ଭଦ୍ରକରେ ବିକାଶର ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଆଗକୁ ବିକାଶର ରଥ ଗଡି ଚାଲିବ ବୋଲି ଦଳର ନେତାମାନେ ସଭାମଂଚରେ ଭାଷଣ ରଖିଥିଲେ । ଜମା ମସ୍‌ଜିଦର ରୂପାନ୍ତରିକରଣ ଠାରୁ ଆରମ୍ଭ କରି ମା'ଭଦ୍ରକାଳୀ ପୀଠ ର ସୌନ୍ଦର୍ଯ୍ୟକରଣ ପର୍ଯ୍ୟନ୍ତ ମିଳିଥିବା ଅନୁଦାନ ବିଜେଡି ଭାଇଚାର ର ସନ୍ଦେସ ବାଂଟୁଛି ବୋଲି ବିଜେଡି ନେତାମାନେ କହିଥିଲେ। ରାସ୍ତାଘାଟ ନିର୍ମାଣ ଠାରୁ ଆରମ୍ଭ କରି ବାଗୁରାଇ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ, ନୂତନ ମେଡିକାଲ ବିଲଡିଂ ନିର୍ମାଣ ଠାରୁ ଆରମ୍ଭ କରି ଏସ୍‌ସି-ଏସ୍.ଟି ବିଲିଡିଂ ନିର୍ମାଣ ନିର୍ମାଣ, ସ୍ମାର୍ଟ ଲାଇବ୍ରେରୀ ନିର୍ମାଣ, ନେହେରୁ ଷ୍ଟାଡିୟମର ଆଧୁନିକରଣ, ବସଷ୍ଟାଣ୍ଡ ଆଧୁନିକରଣ, ଭଦ୍ରକ-ଆଖଣ୍ଡଳମଣି ରାଜ୍ୟ ରାଜପଥ ନିର୍ମାଣ, ଭଦ୍ରକ କଚେରୀ ବଜାର ରୁ ପୁରୁଣାବଜାର ରାସ୍ତା ନିର୍ମାଣ, ମୋଟେଲ ଛକରୁ କାଉପୁର ରାସ୍ତା ନିର୍ମାଣ ଯାଏଁ, ସ୍ୱରେଜ ଟ୍ରିଟମେଂଟ ପ୍ଲାଂଟ ନିର୍ମାଣ, ପାର୍କ ନିର୍ମାଣ ଆଦି ବିକାଶମୂଳକ କାର୍ଯ୍ୟର ଅବତାରଣା କରିଥିଲେ ନେତାମାନେ। ଏସବୁ କାର୍ଯ୍ୟ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀଙ୍କ ଆର୍ଶୀବାଦ ଓ ଭଦ୍ରକ ବିଧାୟକ ସଂଜୀବଙ୍କ ଦୃଢ ନେତୃତ୍ୱ ଯୋଗୁଁ ସମ୍ଭବ ହୋଇପାରିଛି ବୋଲି ଦଳୀୟ ନେତାମାନେ ଭାଷଣ ଦେଉଥିବାବେଳେ ଭାଷଣ ଦେଉଥିବା ବେଳେ ମଂଚତଳେ ବସିଥିବା କର୍ମୀମାନେ କରତାଳି ଦେଇ ଓ ମହିଳାମାନେ ହୁଳହୁଳି ଦେଇ ଏହାକୁ ସ୍ୱାଗତ କରିଥିଲେ । ତେବେ ଏହି ସମାବେଶ ଜରିଆରରେ ବରିଷ୍ଠ ବିଜେଡି ବିଧାୟକ ଦେବୀ ମିଶ୍ର ବିକାଶ ପାଇଁ ବିଧାୟକ ସଂଜୀବଙ୍କ ଉଦ୍ୟମକୁ ଭୂରିଭୂରି ପ୍ରଶଂସା କରିବା ସହ ସଂଜୀବଙ୍କ ବିକଳ୍ପ ନାହିଁ ବୋଲି କହିଥିବା ବେଳେ ମଂଚାସୀନ ବରିଷ୍ଠ ବିଧାୟକ ପ୍ରଫୁଲ୍ଲ ସାମଲ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଜେନା ଭଦ୍ରକ ବ୍ଲକ ଅଧକ୍ଷା ଉର୍ମିଳା ନାୟକ, ଭଦ୍ରକ ପୌର ଉପାଧକ୍ଷା ଅଂଜୁବାଳା ଜେନା, ବରିଷ୍ଠ ନେତା ତଥା ଜିଲ୍ଲା ପରିଷଦ ସଭ୍ୟ ମଳୟ ଜେନା, ଆଜିର ସଭା ପରିଚାଳନା କରୁଥିବା ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, କ୍ଷୀରୋଦ ରାଉତ, ଟାଉନ ସଭାପତି ତାହେର ମହମ୍ମଦ, ରାଜ୍ୟ ସଂଖ୍ୟାଲଘୁ ବିଜେଡି ସେଲ୍ ଉପଦେଷ୍ଟା ତାହେରା ଖାତୁନ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ପ୍ରାକ୍ତନ ପୌରାଧକ୍ଷ ମାନସ ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରବୀର ଜେନା, ପ୍ରଣୟ ଦାସ, ବ୍ଲକ ମହିଳା ସଭାନେତ୍ରୀ ଦେବୀଦତା ମହାନ୍ତି, ଟାଉନ ମହିଳା ବିଜେଡି ସଭାନେତ୍ରୀ ଦେବହୂତୀ ମହାନ୍ତି, ସରପଂଚ ସୁଷମା ମହାନ୍ତି, ସରପଂଚ ତିଳୋତମା ମହାପାତ୍ର, ରାଜଲକ୍ଷ୍ମୀ ମହାପାତ୍ର, ଉର୍ମିଳା ଚୌଧୁରୀ, ଶ୍ୟାମ ନାୟକ, ଜିଲ୍ଲା ଯୁବ ବିଜେଡି ସଭାପତି ମୁକୁନ୍ଦଦେବ ସାମଲ, ଦଳିତ ନେତା ରାଜେନ୍ଦ୍ର ଦାସ, ଯୁବନେତା ଇଲୁ ନାୟକ, କାଉନସିଲର ଦିଲିପ ନାୟକ, ପ୍ରମୁଖ ବହୁ ନେତାମାନେ ସେମାନଙ୍କ ଭାଷଣରେ ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକଙ୍କ କେହି ବିକଳ୍ପ ନାହାନ୍ତି ବୋଲି ଖୋଲା ଖୋଲି ଦୋହରାଇ ଥିଲେ। ଆଜିର ଏହି ସମାବେଶ ଦ୍ୱାରା ବିଧାୟକ ସଂଜୀବ ଯେ କେବଳ ନିଜର ଦମଦାର ଶକ୍ତି ପ୍ରଦର୍ଶନ କରିବା ସହିତ ନିଜ ଦୃଢ ସାଙ୍ଗଠନିକ ଦକ୍ଷତା ଓ ନେତୃତ୍ୱକୁ ପ୍ରଦର୍ଶନ କଲେ ବୋଲି ସାଧାରଣରେ ଆଲୋଚନା ହେଉଛି । ପୂର୍ବାହ୍ନରେ ଚରମ୍ପାରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ଏକ ଖୋଲାଜିପ୍‌ରେ ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ, ବରିଷ୍ଠ ବିଧାୟକ ଦେବୀ ମିଶ୍ର ଓ ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ସହର ପରିକ୍ରମା କରି ସଭାମଂଚକୁ ଆସିଥିଲେ ।

# ଖୁଂଟ ସମଲାଇ ଗ୍ରାମରେ ଜିଲାପାଳ ଏବଂ ଏସପିଙ୍କ ମିଳିତ ଜନଶୁଣାଣି ଶିବିର

**ବଲାଙ୍ଗିର, (ପିଏନ)-** ପାଟଣାଗଡ ବ୍ଲକ ଖୁଂଟ ସମଲାଇ ପଂଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଚଂଚଳ ରଣାଙ୍କ ଅଧକ୍ଷତାରେ ବ୍ଲକ ସ୍ତରୀୟ ଜନଶୁଣାଣୀ ଶିବିର ଗତକାଲି ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲାପାଳ ଶ୍ରୀ ରଣା ଓ ଜିଲ୍ଲା ଆରକ୍ଷୀ ଅଧକ୍ଷ ନିତିନ କୁଶଲକର ଯୋଗଦେଇ ଲୋକମାନଙ୍କର ବିଭିନ୍ନ ଅଭିଯୋଗ ଶୁଣିଥିଲେ । ସମୁଦାୟ ୧୦୮ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ସାମୂହିକ ଭାବେ ୧୨ ଟି ଅଭିଯୋଗ, ବ୍ୟକ୍ତିଗତ ୯୬ ଏବଂ ବ୍ୟକ୍ତିଗତ ୧ ଗୋଟି ମାମଲାରେ ତତ୍କାଳ ସାମାଧନ କରାଯାଇଥିଲା । ସେହିପରି ମୁଖ୍ୟ ଆର୍ଥିକ ସହାୟତା ୧୬ ଗୋଟି ଦରଖାସ୍ତକାରୀଙ୍କୁ ଆର୍ଥିକ ସହାୟତା ଚେକ ମାଧମରେ ପ୍ରଦାନ କରାଯାଇଥିଲା।

ଏଥିରେ ପାନୀୟ ଜଳ ସମସ୍ୟା, ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଶିକ୍ଷା, ବାର୍ଦ୍ଧକ ଭତା, ବିଧବା ଭତା, ରାସନ୍ କାର୍ଡ ସହ ଅବଶିଷ୍ଟ ମାମଲା ଗୁଡିକୁ ସମାଧାନ ନିମନ୍ତେ ସଂପୃକ୍ତ ବିଭାଗକୁ ନିର୍ଦେଶ ଦିଆଯାଇଥିଲା । ଏହି ଜନଶୁଣାଣିରେ ଉପଜିଲ୍ଲାପାଳ ବିଜୟାନନ୍ଦ ସେଠୀ, ବିଡ଼ିଓ ସୁମନ୍ତ କୁମ୍ଭାର, ତହସିଲଦାର ଲକ୍ଷ୍ମଣ ମାଝୀଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଓ କୃଷି ବିଭାଗ, ଉଦ୍ୟାନ ବିଭାଗ, ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ପ୍ରାଣିଚିକିତ୍ସା ବିଭାଗ, ମୃତିକା ସଂରକ୍ଷଣ ବିଭାଗ, ଗ୍ରାମ୍ୟ ପାନୀୟଜଳ, ଯୋଗାଣ ବିଭାଗ, ଆଇସିଡିଏସ ବିଭାଗ, ପୁଲିସ ବିଭାଗ, ଜଙ୍ଗଲ ବିଭାଗ, ଲାଇନବିଭାଗ, ପଂଚାୟତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ବିଭିନ୍ନ ସମସ୍ୟାର ଶୁଣାଣୀ କରିବାରେ ଜିଲ୍ଲାପାଳ ଶ୍ରୀ ରାଣାଙ୍କୁ ସହଯୋଗ କରିଥିଲେ ।

ହାଇସ୍କୁଲ ପଡିଆରେ ଆୟୋଜିତ ଏହି ପ୍ରର୍ଦଶନୀ ଷ୍ଟଲ ଗୁଡିକୁ ଜିଲ୍ଲାପାଳ ବୁଲି ଦେଖିବା ସହ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠି ମାନଙ୍କୁ ଚେକ ମାଧମରେ ଆର୍ଥିକ ସହାୟତା ପ୍ରଦାନ କରିଥିବା ବେଳେ ସ୍ଥାନୀୟ ନିରଞ୍ଜନ ଭୋଇ ହାଇସ୍କୁଲକୁ ଫାଇଭ-ଟି ଯୋଜନାରେ ସାମିଲ ହୋଇ ଚାଲିଥିବା କାମକୁ ଜିଲ୍ଲାପାଳ ଶ୍ରୀ ରାଣା ବୁଲି ଦେଖିଥିଲେ ।

# ବ୍ଲାଷ୍ଟିଂ ଓ ବିଷ ପ୍ରୟୋଗ ଯୋଗୁଁ ବିଷାକ୍ତ ହେଉଛି ମହାନଦୀ ଜଳ, ସୁରକ୍ଷା ପାଇଁ ଦାବି କଲା ମତ୍ସ୍ୟଜିବୀ ସଂଘ

ବୌଦ୍ଧ,(ପିଏନ)-ବୌଦ୍ଧ ଜିଲ୍ଲାରେ ମହାନଦୀରେ ବହୁଳ ପରିମାଣରେ ବ୍ଲାଷ୍ଟିଂ କରାଯିବା ସହ ବିଷ ପ୍ରୟୋଗ କରାଯାଉଛି। ଫଳରେ ଦିନକୁ ଦିନ ବିଷାକ୍ତ ହେଉଛି ମହାନଦୀ ଜଳ। ମହାନଦୀର ସୁରକ୍ଷା କରାଯିବା ପାଇଁ ଦାବି କରିଛି ମତ୍ସ୍ୟଜିବୀ ସଂଘ।

ବୌଦ୍ଧ ଜିଲ୍ଲାରେ ୧୧୦ କିଲୋମିଟର ପର୍ଯ୍ୟନ୍ତ ମହାନଦୀ ରହିଛି। ମହାନଦୀରେ ଅସାଧୁ ବ୍ୟକ୍ତି ମାନେ ନିଜ ସ୍ୱାର୍ଥ ପାଇଁ ବ୍ଲାଷ୍ଟିଂ କରିବା ସହ ବିଷ ପ୍ରୟୋଗ କରି ଜଳକୁ ବିଷାକ୍ତ କରିଦେଉଥିବା ଦେଖିବାକୁ ମିଳିଛି । ଏହାର ସୁରକ୍ଷା ପାଇଁ ବାଉଁଶୁଣି ମତ୍ସ୍ୟଜିବୀ ସୁରକ୍ଷା ସଂଘ ପକ୍ଷରୁ ଜିଲ୍ଲାପାଳ ସତ୍ୟ ରଞ୍ଜନ ସାହୁ ଓ ବୌଦ୍ଧ ତହସିଲଦାର ଦେବୀ ପ୍ରସାଦ ଦାସଙ୍କୁ ଆଜି ଏକ ଦାବିପତ୍ର ପ୍ରଦାନ କରାଯାଇଛି । ମହାନଦୀ ଜଳ ବିଶାକ୍ତ ହେବା ଫଳରେ ମାଛ, କଙ୍କଡା, ଚିଙ୍ଗୁଡ଼ିଙ୍କ ସହ ଜୀବଜନ୍ତୁ ଓ ଗାଇଗୋରୁ ପାଣି ପିଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅନ୍ୟପକ୍ଷରେ ମତ୍ସ୍ୟଜିବୀ ମାନଙ୍କ ଜୀବିକା ଉପରେ ମଧ ପ୍ରଭାବ ପଡୁଛି।

ସଭାପତି ରଙ୍ଗାଧର ଦଣ୍ଡିଆଙ୍କ ନେତୃତ୍ୱରେ ସଂଘର ସଦସ୍ୟ ପବିତ୍ର ନାଏକ, ବୃଷଭ ଦଣ୍ଡିଆ, ଦଳଗୋବିନ୍ଦ ବେହେରା, ଗଦାଧର ବେହେରା, ମଦନ ନାଏକ, ଦ୍ରୋଣ ବେହେରା ସାମିଲ ହୋଇ ଦାବିପତ୍ର ପ୍ରଦାନ କରିଛନ୍ତି ।

# ମନ୍ଦିର ବିକାଶ କରିବାକୁ ଦାବୀ

ଜୟପୁର, (ପିଏନ)- କୃଷକ କଲ୍ୟାଣ ମଂଚ କୋରାପୁଟ ତରଫରୁ ଜିଲାପାଳଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରାଯାଇଛି । ଜିଲାର ସମସ୍ତ ମଣ୍ଡିର ଜମି ନିରୁପଣ ତଥା ଭିତିଭୂମିର ଉନ୍ନତି ପାଇଁ ମଂଚର ସମ୍ପାଦକ ନରେନ୍ଦ୍ର କୁମାର ପ୍ରଧାନ ଏହି ଦାବି ପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଜିଲାରେ ଥିବା ୧୦୪ ମଣ୍ଡି ମଧ୍ୟରୁ ପ୍ରାୟ ୯୦ ପ୍ରତିଶତ ମଣ୍ଡିରେ ଭିତିଭୂମି ନାହିଁ । ଏପରିକି ୭୦ ଭାଗରୁ ଉର୍ଦ୍ଧ୍ୱ ମଣ୍ଡିର ନିଜର ଜାଗା ମଧ୍ୟ ନାହିଁ । ଆଜିକୁ ପ୍ରାୟ ୩୦ ବର୍ଷ ହେବ ଜିଲାର କୃଷକ ମାନଙ୍କ ତରଫରୁ ମଣ୍ଡି ଭିତିଭୂମିର ଉନ୍ନତି ସକାଶେ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ଆରଏମସିକୁ ନିଜର ଜାଗା ମିଳୁ ନାହିଁ । ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାଯ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ବିଭାଗ, ଜଳସମ୍ପଦ, ପଂଚାୟତ, ପାର୍କ, ବନ ବିଭାଗ, ବସଷ୍ଟାଣ୍ଡ, ଖେଳ ପଡିଆ, ଆରଡି, ଆରଏଣ୍ଡବି, ଆଇଟିଡିଏ ପରି ସରକାରି ସଂସ୍ଥା ଏବଂ ବିଭିନ୍ନ ବେସରକାରି ସଂସ୍ଥା ଗୁଡିକୁ ଜମି ମିଳୁଥିବା ବେଳେ ଆରଏମସିକୁ ଜାଗା ନମିଳିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଅଟେ । ଏହି ବିଷୟ ନେଇ ବିଗତ ୨୫ ବର୍ଷରୁ ଉର୍ଦ୍ଧ୍ୱ ହେବ ଜିଲା ପ୍ରଶାସନ ଏଡିଏମ, ଉପ ଜିଲାପାଳ ମୁଖ୍ୟମନ୍ତ୍ରୀ, ସମବାୟ ମନ୍ତ୍ରୀ, କମିଶନରଙ୍କୁ ଜଣାଇଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ମନ୍ଦିରେ କଟନି ଛଟନି ବନ୍ଦ କରିବା, ଅଧିକ ଜମି ଯେପରି ଚାଷ ହୋଇପାରିବ ସେ ଉପରେ ଗୁରୁତ୍ୱ ଦେବାକୁ ଦାବି କରାଯାଇଛି ।

# ଜିଲ୍ଲା ସ୍ତରିୟ ବିଦ୍ୟାଳୟ ସମୂହ କ୍ରୀଡା ଉତ୍ସବ - ଚତୁର୍ଥ ଦିନରେ

ବଲାଙ୍ଗିର, (ପିଏନ)-ଏଫ୍.ଆଇ.ଏଚ୍. ଓଡିଶା ହକି ପୁରୁଷ ବିଶ୍ୱ କପ -୨୯୨୩ ସ୍ମରଣୀୟ କରିବା ପାଇଁ ବଲାଙ୍ଗିର ଜିଲ୍ଲା ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ଉତ୍ସବ ଚତୁର୍ଥ ଦିନରେ । ଆଜିର ଦିନରେ ସ୍ଥାନିୟ ଗାନ୍ଧୀ ଷ୍ଟାଡିମଠାରେ ବାଳକ ୧୭ ବର୍ଷରୁ କମ୍ କ୍ରିକେଟ ଖେଳରେ ଟିଟିଲାଗଡ ବିଜେତା ଓ ବଲାଙ୍ଗିର ବ୍ଲକ ଉପ-ବିଜେତା ହୋଇଛନ୍ତି । ସେହିପରି ଟାଉନ ଉଚ୍ଚ ବିଦ୍ୟାଳୟ ଠାରେ କବାଡି ଖେଳରେ ୧୪ ଓ ୧୭ ବର୍ଷ ରୁ କମ୍ ବାଳକ ବିଭାଗରେ ବେଲପଡା ବିଜେତା ଓ ବାଳିକା ବିଭାଗରେ ସଇଁତଲା ଉପ-ବିଜେତା ହୋଇଥିବା ବେଳେ ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ପୁଇଁନ୍ତଲା ବିଜେତା ଓ ୧୭ ବର୍ଷରୁ କମ୍ ବାଳକ ବିଭାଗରେ ବଙ୍ଗୋମୁଣ୍ଡା ଉପ ବଜେତା ଓ ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଟିଟିଲାଗଡ ଉପ-ବିଜେତା ହୋଇଛନ୍ତି । ଭଲିବଲ ୧୭ ବର୍ଷରୁ କମ୍ ବାଳକ ବିଭାଗରେ ବଙ୍ଗୋମୁଣ୍ଡା ବିଜେତା ଓ ଟିଟିଲାଗଡ ଉପ-ବିଜେତା ହୋଇଛନ୍ତି । ଟେନି-କଏଟ ରେ ବିଭିନ୍ନ ବିଦ୍ୟାଳୟ ର ୨୦ ଜଣ ଛାତ୍ର ଛାତ୍ରୀ ରାଜ୍ୟ ସ୍ତରକୁ ମନୋନୀତ ହୋଇଛନ୍ତି । ଜିଲ୍ଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେର, ଶାରୀରିକ ଶିକ୍ଷା ନିରୀକ୍ଷକ ଅନ୍ତର୍ଯ୍ୟାମି ବିଶ୍ୱାଳ, ଜିଲ୍ଲା କ୍ରୀଡା ସଂସଦ, ସାଧାରଣ ସଂପାଦକ ହରିନାରାୟଣ ପୂଜାରୀ, ପ୍ରଧାନ ଶିକ୍ଷୟତ୍ରୀ କୁମୁଦିନୀ ମିଶ୍ର ପ୍ରମୁଖ ବିଜେତା ଓ ଉପ-ବିଜେତା ବ୍ଲକ କୁ ପୁରସ୍କାର ପ୍ରଦାନ କରିଥିଲେ । ଶାରୀରିକ ଶିକ୍ଷା ଶିକ୍ଷକ ହେମନ୍ତ ପ୍ରଧାନ ସଭା ପରିଚାଳନା କରି ଧନ୍ୟବାଦ ଅର୍ପଣ କରିଥିଲେ ।

କ୍ରିକେଟ ଖେଳକୁ ରାଜେନ୍ଦ୍ର ସେଠ, ମୁକେଶ ସ୍ୱାଇଁ, ରଜତ ଦାସ, ଉମାକାନ୍ତ ପ୍ରଧାନ, ପ୍ରସାନନ୍ଦ ବାଗ, ହୃଦୟ ସବର, ପ୍ରବୀଣ ପଣ୍ଡା, ସତ୍ୟ ନାରାୟଣ ପଟେଲ, ଫାଲ୍ଗୁନୀ ବାଗ୍ରିକ । ଦେବୀ ପ୍ରସାଦ ରାଉତ ମୁଖ୍ୟ ଖେଳ ପରିଚାଳକ ଦାୟିତ୍ୱ ତୁଲାଇଥିଲେ।

କବାଡି ଖେଳକୁ ଗୋପାଳ ଚନ୍ଦ୍ର ବସ୍ତିଆ, ସୁଦର୍ଶନ ସେଠ, ପ୍ରଣତି ପାଣିଗ୍ରାହୀ, ରଞ୍ଜିତ ବେହେରା, ଆଶିଷ ଦେବ ସାହା, ମାଧୁରି ପଣ୍ଡା, ସ୍ୱାଗତିକା ବର୍ଗଡି, ରାଜେଶ ସ୍ୱାଇଁ, କଳାକାହ୍ନୁ ସାହୁ, ବ୍ରାହ୍ମଣୀ ଦୀପ, ବିନୋଦ ମହାପାତ୍ର, ବୁଦ୍ଧିରାଜ ବିଶ୍ୱାଳ, ସନ୍ତୋଷ ମେହେର, ସୂର୍ଯ୍ୟ ପଟ୍ଟନାୟକ, ବିକାଶ ଦାସ, ପ୍ରଦ୍ୟୁମ୍ନ ରାଉତ, ଯଶୋବନ୍ତୀ ବେହେରା, ପ୍ରଫୁଲ୍ଲ ପାତ୍ର, ସୁଶାନ୍ତ ନାଗ, ପୁରନ୍ଦର ସେଠ, ଜନାର୍ଦ୍ଦନ ସାହୁ, ସସ୍ମିତାରାଣୀ ମିଶ୍ର ପରିଚାଳନା କରିଥିଲେ ।

# ଉତ୍କଳୀୟ ସଂସ୍କୃତିରେ ଜଗନ୍ନାଥଙ୍କ ମହକ ମହୋତ୍ସବରେ ପ୍ରସ୍ଫୁଟିତ ହୋଇଥାଏ: ରାଜ୍ୟପାଳ



**ଯାଜପୁର, (ପିଏନ):** ବଡଚଣା ମହୋତ୍ସବ କମିଟି ପକ୍ଷରୁ ପଞ୍ଚମ ବାର୍ଷିକ ଉତ୍ସବ ରବିବାର ସଂଧ୍ୟାରେ ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଓଡିଶାର ମହାମହିମ ରାଜ୍ୟପାଳ ଶ୍ରୀଯୁକ୍ତ ଗଣେଶୀଲାଲ ଉଦଘାଟନ କରିଥିଲେ। ଉଦଘାଟନୀ ଅଭିଭାଷଣରେ ଉତ୍କଳୀୟ ସଂସ୍କୃତିର ଅନ୍ୟତମ ପରମ୍ପରା ମହୋତ୍ସବ ପାଳନ ସହ କଳା,ସାହିତ୍ୟ ଓ ସଂସ୍କୃତିର ପ୍ରତିଫଳନ ହୋଇଥାଏ। ଏହି ମହୋତ୍ସବ ପାଳନରେ ଜଗନ୍ନାଥଙ୍କ ମହକର ପ୍ରତିଛବି ପ୍ରତ୍ୟେକ ବାଳକ ଓ ଆଗନ୍ତୁକ ଦର୍ଶକମାନଙ୍କ ଠାରେ ପ୍ରସ୍ଫୁଟିତ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ମହୋତ୍ସବ କମିଟିର ସଭାପତି ମନୋରମା ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନି ସଭାରେ ସମ୍ମାନିତ ଅତିଥି ଭାବେ ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଆମ ଅଞ୍ଚଳରେ ଏଭଳି ବର୍ଣ୍ଣାଢ଼୍ୟ କାର୍ଯ୍ୟକ୍ରମ କରିଆସୁଥିବା ଆୟୋଜକ ମାନଙ୍କୁ ଧନ୍ୟବାଦ ଜଣାଇବା ସହ ମହୋତ୍ସବ ମାଧମରେ ବଡଚଣାର ସଂସ୍କୃତି ଓ ପରମ୍ପରା ଲୋକଲୋଚନକୁ ଆସି ପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ପାଦକ ଅଧାପକ ପଦ୍ମଲାଭ ପଣ୍ଡା ବିବରଣୀ ପାଠ କରି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଏଥିରେ ଜିଲ୍ଲାପରିଷଦ ଉପାଧକ୍ଷ ଗଣେଶ୍ୱର ବରାଳ, ସ୍ଥାନୀୟ ସରପଞ୍ଚ ରାଜଲକ୍ଷ୍ମୀ ମହାନ୍ତି ଓ ସମିତି ସଭ୍ୟ ମଧୁସୂଦନ ବଳ ପ୍ରମୁଖ ଯୋଗଦେଇ ଥିଲେ। ଶେଷରେ ସହ ସମ୍ପାଦକ ଅମ୍ବିକା ପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମହୋତ୍ସବ ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ଚାଲିବା ସହ ପ୍ରତ୍ୟେକ ସଂଧ୍ୟାରେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ରାଜ୍ୟପାଳ ଯିବା ସମୟରେ ମହୋତ୍ସବ ମଧ୍ୟରେ ଥିବା ଏକ ଦୋକନରେ ଚାଟ ଖାଇବା ପାଇଁ ଇଚ୍ଛା ପ୍ରକଟ କରି ଗାଡିରୁ ଓହ୍ଲାଇ ସେଠାରେ ବସି ଚାଟ ଖାଇବା ଦୃଶ୍ୟ ସମସ୍ତଙ୍କୁ ବିମୋହିତ କରିଥିଲା।

# ମୋ ଓଡ଼ିଶା

# ଡେଙ୍ଗୁ ପ୍ରତିଷେଧକ ନିଜ ହାତରେ



**ସା**ମ୍ପ୍ରତି ସାରା ଭାରତରେ ଡେଙ୍ଗୁ ରୋଗର ଆତଙ୍କ ଖେଳିଯାଇଛି। ଧୀରେଧୀରେ ଏହା ମହାମାରୀର ରୂପ ନେଉଛି। ନିକଟଅତୀତରେ ଭାରତର ରାଜଧାନୀ ଦିଲ୍ଲୀରେ ହଜାର ହଜାର ଲୋକ ଡ଼େଙ୍ଗୁରେ ଆକ୍ରାନ୍ତ ହୋଇଥିଲେ ଓ ସେତେବେଳେ ୧୬ଜଣଙ୍କ ମୃତ୍ୟୁ ହୋଇଥିଲା ଏବଂ ଏମାନଙ୍କ ମଧ୍ୟରେ ଜଣେ ଓଡ଼ିଆ ଶିଶୁ ରହିଥିଲା, ଯାହାର ମୃତ୍ୟୁରେ ମର୍ମାହତ ହୋଇ ଶିଶୁର ବାପା ଓ ମା' ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଥିଲେ। ସେଥିପାଇଁ ସାରା ରାଜ୍ୟରେ ଦୁଃଖର ଛାୟା ଖେଳିଯାଇଥିଲା। କଟକ ବଡ଼ ମେଡ଼ିକାଲ୍ ସମେତ ବ୍ରହ୍ମପୁର, ବୁର୍ଲା ଓ ରାଉରକେଲାରେ ମଧ୍ୟ ଡ଼େଙ୍ଗୁ ରୋଗୀଙ୍କ ଭିଡ଼ ଲାଗିଗଲାଣି। ଅନେକଙ୍କର ମୃତ୍ୟୁ ଘଟିସାରିଲାଣି। ସତର୍କତା ସହିତ ସବୁ ଜିଲ୍ଲା ସଦର ମହକୁମା ହସ୍ପିଟାଲ୍‌ରେ ଡ଼େଙ୍ଗୁ ଚିକିତ୍ସା ପ୍ରକୋଷ୍ଠ ଖୋଲିବାକୁ ଆଦେଶ ଜାରି ହେଲାଣି। ଆଉ ସରକାର ଲୋକମାନଙ୍କ ପାଇଁ ବାର୍ତ୍ତା ଦେଉଛନ୍ତି ଯେ, ଡ଼େଙ୍ଗୁରୋଗ ପାଇଁ ମାଗଣାରେ ଚିକିତ୍ସା କରାଯିବ। ଏହି ମାଗଣା ଚିକିତ୍ସା ଶବ୍ଦଟି ଶୁଣିବାକୁ ମଧୁର ଲାଗିଲେ ବି ଏହା ସଂପୂର୍ଣ୍ଣ ହାସ୍ୟାସ୍ପଦ। ଏହା ସମସ୍ତେ ଜାଣିବା ଉଚିତ ଯେ, ଡ଼େଙ୍ଗୁରୋଗର କୌଣସି ସଫଳ ଚିକିତ୍ସା ପଦ୍ଧତି ବର୍ତ୍ତମାନ ସୁଦ୍ଧା ବାହାରି ପାରିନାହିଁ। ଏହା ଏକ ଭୂତାଣୁ ବା ଭାଇରସ୍ ଦ୍ୱାରା ସଂକ୍ରମିତ ରୋଗ। ଏହି ରୋଗର କୌଣସି ପ୍ରତିଷେଧକ ଟୀକା ବାହାରିନାହିଁ। ଡ଼େଙ୍ଗୁ ଭାଇରସ୍ ଫ୍ଲାବୋ ଭାଇରସ୍ ଗୋଷ୍ଠୀର ଅନ୍ତର୍ଭୁକ୍ତ। ଡ଼େଙ୍ଗୁରୋଗ ଛଡ଼ା ଏମାନେ ୟେଲୋ ଫିବର୍, ଜାପାନୀ ଜେନ୍‌କେପାଲାଇଟିସ୍ ଚିକନ୍‌ଗୁନିଆ, କାୟାସୁର ଫରେଷ୍ଟ ଡ଼ିଜିଜ୍ ଭଳି ଭୂତାଣୁଜନିତ ମାରାତ୍ମକ ରୋଗର କାରଣ ଅଟନ୍ତି। ଡ଼େଙ୍ଗୁରୋଗ ଅନ୍ୟ ଇନ୍‌ଫ୍ଲୁଏଞ୍ଜା ଭୂତାଣୁ ରୋଗ ଭଳି ଆରମ୍ଭ ହୋଇଥାଏ। ମାତ୍ର ଏଥିରେ ଭୟଙ୍କର ମୁଣ୍ଡବ୍ୟଥା, ଦେହବ୍ୟଥା ଓ ଆଣ୍ଠୁବ୍ୟଥା ହୋଇଥାଏ। ବ୍ୟଥାରେ ହାଡ଼ ଭାଙ୍ଗିଗଲା ଭଳି ଲାଗେ। ତେଣୁ ଏହାକୁ ବ୍ରେକ୍‌ବୋନ୍ ଡ଼ିଜିଜ୍ ମଧ୍ୟ କୁହାଯାଏ। ଅଧିକାଂଶ କ୍ଷେତ୍ରରେ ଏହି ରୋଗ ଛାଏଁ ଛାଏଁ ଭଲ ହୋଇଯାଏ। ମାତ୍ର କେତେକ ବିଶେଷ କ୍ଷେତ୍ରରେ ଶରୀରର ବିଭିନ୍ନ ସ୍ଥାନରୁ ରକ୍ତସ୍ରାବ ହୁଏ। ରକ୍ତଚାପ କମି ରୋଗୀର ମୃତ୍ୟୁ ଘଟେ। ଡେଙ୍ଗୁର ବାହକ ହେଉଛି ମଶା। ଏହି ମଶାକୁ ଏଡ଼ିସ୍ ବୋଲି କୁହନ୍ତି। ଏହି ମଶା ବଡ଼ବଡ଼ ଓ ପ୍ରଜାପତି ଭଳି ଚିତ୍ରିତ। ସକାଳ ଓ ସନ୍ଧ୍ୟାରେ ଏମାନେ ମଣିଷକୁ ବେଶୀ କାମୁଡ଼ନ୍ତି ଓ ରୋଗର ଭୂତାଣୁ ଛାଡ଼ି ଦିଅନ୍ତି। ଏହି ମଶାମାନେ ନିର୍ମଳ ଓ ସ୍ଥିର ଜଳରେ ବଂଶ ବିସ୍ତାର କରନ୍ତି। ଘର ଭିତରେ ଓ ବାଡ଼ିରେ ବହୁଦିନ ଧରି ରହିଥିବା ଅଦରକାରୀ ଓ ଅବ୍ୟବହୃତ ଜଳ ଏମାନଙ୍କ ବଂଶବୃଦ୍ଧିରେ ସାହାଯ୍ୟ କରେ। ବାଡ଼ିରେ ପଡ଼ିଥିବା ଭଙ୍ଗା ବାଲ୍‌ତି, ଭଙ୍ଗାଟିଣ ଓ ପୁରୁଣା ଟାୟାର୍‌ରେ ଜମି ରହିଥିବା ପାଣି ଏହି ରୋଗକୁ ଆମନ୍ତ୍ରଣ କରେ। କୁଲର୍‌ରେ ରହୁଥିବା ଅବ୍ୟବହୃତ ଜଳ ମଧ୍ୟ ମଶା ବୃଦ୍ଧି କରେ। ଜଣେ ଗୃହସ୍ଥ ମାତ୍ର ୧୫ ମିନିଟ୍ ପରିଶ୍ରମ କଲେ, ତାଙ୍କ ବାଡ଼ି ବଗିଚାରୁ ଏଭଳି ଜଳର ଉତ୍ସକୁ ଉଚ୍ଛେଦ କରିବା ସଙ୍ଗେସଙ୍ଗେ ନିଜକୁ ଡ଼େଙ୍ଗୁ ରୋଗରୁ ରକ୍ଷାକରିପାରିବେ। ହେଲେ ଏହି ସାମାନ୍ୟ କଥାଟିକୁ ଆମେ କରିବାକୁ ଭୁଲି ଯାଉଛୁ। ସରକାରୀ ଅଫିସ୍, ନିର୍ମାଣ ବିଭାଗ ଇତ୍ୟାଦିରେ ଶହଶହ ଖୋଲା ଡ୍ରମ୍ ପଡ଼ି ରହୁଛି ଓ ସେଗୁଡ଼ିକରେ ପାଣି ଜମୁଛି। କାମ କଲା ପରେ ଠିକାଦାରମାନେ ସେଗୁଡ଼ିକୁ ଫିଙ୍ଗିଦେଇ ଯାଉଛନ୍ତି। ଯନ୍ତ୍ରୀ ମାନେ ସେଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ନିକଟ ଅତୀତରେ ଏହିଭଳି କାରଣ ଯୋଗୁ କଳିଙ୍ଗନଗର ଅଞ୍ଚଳରେ ଡ଼େଙ୍ଗୁ ରୋଗ ବ୍ୟାପିଥିଲା। ପ୍ରତିବର୍ଷ ଡ଼େଙ୍ଗୁରୋଗ ଆରମ୍ଭ ହେଲେ ସରକାରଙ୍କର ରୋଗକଥା ମନେପଡ଼େ। ନିଧି ମଉସା ରଥ ଘାଇଁ ଘାଇଁ ଘୂରିବୁଲେ। ସଚେତନତା ନାଁରେ ସଭାମାନ ହୁଏ। ଏନ୍‌ଜିଓମାନେ ମାଲାମାଲ୍ ହୁଅନ୍ତି। ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ହୋଡ଼ିଂମାନ ଲାଗେ। ଖବରକାଗଜ ମାନଙ୍କରେ ବିଜ୍ଞାପନ ଦିଆଯାଏ। ଏସବୁରେ ଯେତେ ଟଙ୍କା ଖର୍ଚ୍ଚ ହୁଏ, ତାହାର ଅଧା ଟଙ୍କାରେ ବୋଧେ ସାରା ରାଜ୍ୟରେ ଥିବା ଡ଼େଙ୍ଗୁ ମଶାର ନିବାସ ସ୍ଥଳକୁ ଉଚ୍ଛେଦ କରାଯାଇପାରନ୍ତା। ଆମର ପ୍ରତି ସହର ଆବର୍ଜନାମୟ ହୋଇଗଲାଣି। ଯୁଆଡ଼େ ଦେଖିବ, କୁଢକୁଢ ମଇଳା। ଲୋକମାନେ ଘରୁ ଅଳିଆ ଆଣି ରାସ୍ତା ମଝିରେ ଫିଙ୍ଗୁଛନ୍ତି। ହୋଟେଲ୍‌ଗୁଡ଼ିକ ସବୁ ଅଇଁଠାପତ୍ର ଡ୍ରେନ୍‌ରେ ଅଜାଡ଼ି ଦେଉଛନ୍ତି। ଯୁଆଡ଼େ ଦେଖିବ, ପ୍ଲାଷ୍ଟିକ୍ ଗଦା ଗଦା। ରାସ୍ତା ବୁଡ଼ି ଡ୍ରେନ୍ ପାଣିର ସୁଅ। ଏଭଳି ଅବ୍ୟବସ୍ଥାକୁ ଦେଖିବାକୁ କେହି ନାହାନ୍ତି। ଆଜିକାଲି ସମସ୍ତେ ମନ୍ତ୍ରୀଙ୍କ ଲୋକ, ସମସ୍ତଙ୍କର ପଲିଟିକାଲ୍ ଲିଙ୍କ୍। କାହା ନାଁରେ କେଶ୍‌ଟା କଲେ, ଉପରୁ ଫୋନ୍ ଆସିବ, ସେ ଆମ ଲୋକ। ତେଣୁ ସ୍ୱାସ୍ଥ୍ୟ ନିରୀକ୍ଷକ, ପରିମଳ ନିରୀକ୍ଷକ ମାନେ ମାସିକିଆ ବଟି ନେଇ ଆଖି ବୁଜି ଚାଲି ଯାଉଛନ୍ତି। ପୁଲିସ୍ ବାବୁମାନେ କେଉଁଠି ଦୁଇ ବୋତଲ ମଦ କିମ୍ବା ଜୁଆଖେଳ ଧରି ଫଟୋ ଉଠାଉଛନ୍ତି ସିନା, ହେଲେ ଏସବୁ ପ୍ରତି ସାମାନ୍ୟ ଦୃଷ୍ଟି ଦେଉନାହାନ୍ତି। ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ଆମ ସରକାର ଲାଗିଲାଗି ଲୋକଙ୍କୁ ସାଧାରଣ ହେଲମେଟ୍‌ଟିଏ ପିନ୍ଧାଇପାରିଲେ ନାହିଁ। ସିଟ୍ ବେଲ୍ଟ ମଧ୍ୟ ଲାଗି ପାରିଲା ନାହିଁ। ତେଣୁ ଆମ ଦେଶରେ ଡ଼େଙ୍ଗୁ ହେବନାହିଁ ତ ଆଉ କେଉଁ ଦେଶରେ ହେବ!

**ଡାକ୍ତର ସୁରେନ୍ଦ୍ରନାଥ ଦାଶ**
*ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ନବରଙ୍ଗପୁର,*
*ମୋ-୯୪୩୭୨୩୫୩୮୬*

### ଦିନେ ନୂଆ ଥିବା କ୍ୟାଲେଣ୍ଡରଟା ପୁରୁଣା ହେଇଗଲାଣି, ଆଉ କିଛିଦିନ ପରେ ଅଲୋଡା ହୋଇଯିବ



**କ୍ୟା**ଲେଣ୍ଡର ୨୦୨୨.....
ଠିକ୍ କାଲି ପରି ଲାଗୁଛି
ତୁ ଆସିଥିଲୁ ନୂଆ ହୋଇ
କେତେ ରଙ୍ଗୀନ ସାଜସଜ୍ଜା
ହର୍ଷ ଉଲ୍ଲାସ ଆଖିଖୋଲା ସ୍ୱପ୍ନ
ତୁ ଆସିଲା ପରେ ସତେକି
ବଦଳି ଯିବ ଏ ଦୁନିଆଟା,
ହେଲେ.........
ସମୟ ସହ ଖାଲି ଯାହା
କାନ୍ଥରେ ଟଙ୍ଗା ହୋଇଥିବା
ତୋର ପୃଷ୍ଠା ବଦଳି ଯାଇଛି
ଆଉ ମାତ୍ର କେଇଟା ଦିନ ବାକି
ତୋ ଦେହରେ ଖଞ୍ଜା ପୃଷ୍ଠା
ସରିଯିବ
ତୁ ହୋଇଯିବୁ ଅଲୋଡା
ଅଦରକାରୀ
ତୋ ଜାଗାରେ ଥିବ ଆଉ କିଏ,
ହେଲେ...........
ତୁ ଗଲା ବେଳେ ସାଙ୍ଗରେ
ନେଇଯିବୁ
ସୁଖ ଦୁଃଖର ତିକ୍ତ ମଧୁର
ତୋ ଦେହରେ ଥିବା ଚିହ୍ନ
ତୋ ପ୍ରତ୍ୟେକଟି ପୃଷ୍ଠାର ସ୍ମୃତି
ମନ ବୁଝେଇବାକୁ ଦେଇଯିବୁ
ଆଗକୁ ବଢ଼ିବାର ଅସରା
ସ୍ୱପ୍ନ.........

**-ଅନିତା ଦାସ**
*ପ୍ରଶାନ୍ତି ବିହାର, ଭୁବନେଶ୍ୱର*
*ମୋ: ୯୯୩୭୦୭୫୨୨୬*

# ଆପଣ କେମିତି ପିତାମାତା !



**ବେ**ଳେବେଳେ ନିଜ ବଢ଼ିଲା ପୁଅ ଝିଅଙ୍କ ବ୍ୟବହାର ଦେଖି ଆପଣ ଆଶ୍ଚର୍ଯ୍ୟ ହୋଇଯାଉଥିବେ। ଏମିତି ବ୍ୟବହାର ତ ଆପଣ କେବେ କରିନାହାନ୍ତି, ଏମିତି ଚଳଣି ଓ ଖର୍ଚ୍ଚ ତ ଆପଣ କେବେ ଶିଖେଇ ନାହାନ୍ତି। ତା'ହେଲେ ପିଲା ଏମିତି କାହିଁକି ହୋଇଯାଉଛି, ମନେମନେ ଭାବୁଛନ୍ତି ଆପଣ। କେବଳ ଆପଣଙ୍କ ଚଳଣିରୁ ସେ ଯେ ଶିଖେ ଏ କଥା ନୁହେଁ, ବଡ଼ ହେଲେ ଆପଣଙ୍କ ଚଳଣି ଓ ତା ପ୍ରତି ବ୍ୟବହାରର ଅନେକ ପ୍ରତିକ୍ରିୟା ମଧ ପ୍ରକାଶ ପାଏ ତା କାର୍ଯ୍ୟକଳାପରେ। ପିତାମାତାଙ୍କ ବ୍ୟବହାର ପିଲାମାନଙ୍କ ଉପରେ ଗଭୀର ପ୍ରଭାବ ପକାଏ ଏବଂ ସେମାନଙ୍କ ବ୍ୟକ୍ତିତ୍ୱର ମୂଳଦୁଆ ପକାଏ। ତେଣୁ ଆପଣଙ୍କ ପିଲା ସହ ପ୍ରତି ପଦକ୍ଷେପରେ ସାବଧାନ ରହିବା ଦରକାର। ପିଲାଦିନର ଅନୁଭବ ବ୍ୟକ୍ତିତ୍ୱକୁ ଖୁବ୍ ପ୍ରଭାବିତ କରେ। ଯେମିତି ପିଲାଦିନେ ମନରେ ଥିବା କିଛି ଅଭାବକୁ ପୂରଣ କରିବା ପାଇଁ ବଡ଼ବେଳେ କେତେଜଣ ଏତେ ବ୍ୟଗ୍ର ହୋଇପଡ଼ନ୍ତି ଯେ ଏହା ସେମାନଙ୍କ ପାଇଁ ଏକ ମାନସିକ ବିକୃତିରେ ପରିଣତ ହୋଇଯାଏ। ତା'ହେଲେ ଆସନ୍ତୁ ଜାଣିବା ପାଳନର କିଛି କଥା।

**ପିତା-ମାତା କେମିତି ହେଲେ ସନ୍ତାନ କେମିତି ହେବ....**

**ଅତି ଯତ୍ନଶୀଳ ପିତାମାତା, ଦୁର୍ବଳ ବ୍ୟକ୍ତିତ୍ୱର ସନ୍ତାନ :** ଅତି ଯତ୍ନଶୀଳ ବା ଓଭର ପ୍ରୋଟେକ୍ଟିଭ ପିତାମାତାଙ୍କ ସନ୍ତାନ ବଡ଼ ହେବାପରେ ମଧ ସ୍ୱାଧୀନ ହୋଇପାରନ୍ତି ନାହିଁ। ସେମାନଙ୍କ ବ୍ୟକ୍ତିତ୍ୱ ଦୁର୍ବଳ ହୋଇଯାଏ, ସବୁ ଛୋଟ ବଡ଼ କାମରେ ସେମାନେ ପିତାମାତାଙ୍କୁ ଅପେକ୍ଷା କରି ରହନ୍ତି। ବଡ଼ ହୋଇ ନିଜେ ଅଭିଭାବକ ହେବାପରେ ମଧ କୌଣସି ନିଷ୍ପତ୍ତି ନେଇପାରନ୍ତି ନାହିଁ। ନିଜ ପିଲାଙ୍କ ଚାରିପାଖରେ ଘେରି ରହି ସେମାନଙ୍କୁ ସବୁବେଳେ ନିର୍ଭରଶୀଳ କରାଇ ଦେଇଥିବା ପିତାମାତାଙ୍କୁ ହେଲିକପ୍ଟର ପ୍ୟାରେଣ୍ଟ ବୋଲି କୁହାଯାଏ। ଆପଣଙ୍କର ଏପରି ବ୍ୟବହାର ପିଲାର ଭାବନାତ୍ମକ ଓ ମାନସିକ ବିକାଶକୁ ପ୍ରତିରୋଧ କରିଦିଏ। ତେଣୁ ସେମାନଙ୍କୁ ନିଜ ଦୃଷ୍ଟିରେ ଦୁନିଆ ଦେଖିବାକୁ ଓ ଦୁନିଆକୁ ବୁଝିବାର ସୁଯୋଗ ଦିଅନ୍ତି। ଯେଉଁଠାରେ ଆବଶ୍ୟକ ସେହିଠାରେ ସେମାନଙ୍କୁ ସହଯୋଗ ଦିଅନ୍ତୁ।

**ସନ୍ଦେହୀ ପିତାମାତା: ଅବିଶ୍ୱାସୀ ସନ୍ତାନ:** ପିଲାମାନେ ଭୁଲ ବାଟରେ ନଯିବା ପାଇଁ ସେମାନଙ୍କ ଉପରେ ନଜର ରଖିବା ଠିକ୍ କଥା, ମାତ୍ର ସେମାନଙ୍କ ଉପରେ ଅତ୍ୟଧିକ ନଜର ରଖିଲେ ଏହା ସେମାନଙ୍କର ସମସ୍ତଙ୍କ ପ୍ରତି ବିଶ୍ୱାସ ନଷ୍ଟ କରିଦିଏ। ପିତା-ମାତା ଅତ୍ୟଧିକ ସନ୍ଦେହ କରିବା ପିଲାମାନଙ୍କର ସେମାନଙ୍କ ପ୍ରତି ଓ ସମାଜ ପ୍ରତି ଭରସା କମ୍ କରିଦିଏ। ସବୁବେଳେ ସେମାନେ ଫୋନ୍ କଲେ କଥାବାର୍ତ୍ତା ଶୁଣିବା, ସେମାନଙ୍କର ବହିପତ୍ର ଆଦି ଦେଖିବା ଦ୍ୱାରା ପିଲା ସବୁବେଳେ ଭୟ ଭିତରେ ରୁହେ - କାଳେ କେଉଁଠି ଭୁଲ ଧରାପଡ଼ିଯିବ କି ? ଏଥିପାଇଁ ସେ ସବୁବେଳେ ପ୍ରସ୍ତୁତ ହୋଇ ରହେ, ନିଜକୁ ବଞ୍ଚେଇବା ପାଇଁ କ'ଣ ମିଛି କହିବ ? ସନ୍ଦେହୀ ପିତାମାତା ସବୁ ପରିସ୍ଥିତିକୁ ନେଇ ନିଜ ସନ୍ତାନମାନଙ୍କର ଏକ ଭୟ ସୃଷ୍ଟି କରିଥାନ୍ତି। ଏହି ଭୟ ସହ ବଡ଼ ହେଉଥିବା ପିଲାମାନଙ୍କର ଆତ୍ମବିଶ୍ୱାସ ସ୍ତର ଖୁବ୍ କମ୍ ହୋଇଯାଏ ଓ ସେମାନେ ସହଜରେ କାହା ଉପରେ ବିଶ୍ୱାସ କରିପାରନ୍ତି ନାହିଁ। ଯଦି ଆପଣଙ୍କୁ ମନେ ହେଉଛି ଯେ ପିଲାର ବ୍ୟବହାର ସନ୍ଦେହଜନକ ଓ ତା'ଉପରେ କଡ଼ା ନଜର ରଖିବାକୁ ହେବ, ତା' ହେଲେ ପ୍ରଥମେ ପିଲା ସହ ଆପଣଙ୍କ ସନ୍ଦେହ ବିଷୟରେ ଆଲୋଚନା କରନ୍ତୁ। ଏହାପରେ ତା ଉପରେ ନଜର ରଖିବା ଦରକାର ହେଲେ ପିତାମାତା ପରି ନଜର ରଖନ୍ତୁ, ଗୁଇନ୍ଦା ପରି ନୁହେଁ। ପିଲାକୁ ନିଜ ଭୁଲରୁ କିଛି ଶିଖିବା ପାଇଁ ମଧ ଛାଡ଼ନ୍ତୁ।

**କୁଭାଷା କହୁଥିବା ପିତାମାତା: ନିୟନ୍ତ୍ରଣହୀନ ସନ୍ତାନ:** ପିଲାକୁ ତାର ଭୁଲ ବିଷୟରେ କହିବା ଉଚିତ ହେଲେ ତାକୁ ରାଗି କୁଭାଷା ପ୍ରୟୋଗ କରିବା କିମ୍ବା ମାରପିଟ କରିବା ଠିକ୍ ନୁହେଁ। ଏହା ସେମାନଙ୍କ ମସ୍ତିଷ୍କ ଉପରେ ଖରାପ ପ୍ରଭାବ ପକାଏ। ପିଲାକୁ ଖରାପ ଭାଷାରେ ଗାଳିଗୁଲଜ କଲେ ତାର ମାନସିକ ଅଭିବୃଦ୍ଧି ବ୍ୟାହତ ହୁଏ ଏବଂ ଆତ୍ମବିଶ୍ୱାସ କମ୍ ହୋଇଯାଏ। ଏମିତି ପିଲା ବଡ଼ ହୋଇ ଅଧିକ ଉଗ୍ର ହୋଇଯାଆନ୍ତି ଏବଂ କଥା କଥାରେ ଭଙ୍ଗାରୁଜା କରନ୍ତି। ସେମାନଙ୍କୁ ନିୟନ୍ତ୍ରଣ କରିବା କଷ୍ଟ ହୋଇଯାଏ। ପିତାମାତା ଦୁର୍ବ୍ୟବହାର କରୁଥିବା ପିଲାମାନେ ବିଛଣାରେ ପରିସ୍ରା କରନ୍ତି। ପାଠପଢ଼ାରେ ସେମାନଙ୍କର ଏକାଗ୍ରତା ରହେନାହିଁ। ତେଣୁ ଥରେ ରାଗିବା ପୂର୍ବରୁ ଅଟକିଯାଇ ଦେଖନ୍ତୁ ପାଟିରୁ କିଛି ଖରାପ ଭାଷା ବାହାରି ଆସୁନି ତ ?

**ଜିତିବାକୁ ଚାହୁଁଥିବା ପିତାମାତା-ଆତ୍ମହତ୍ୟାପ୍ରବଣ ସନ୍ତାନ:** ପିଲାଙ୍କ ଉପରେ ସବୁବେଳେ ଜିତିବା ପାଇଁ ଚାପ ପକାଉଥିବା ପିତାମାତା ସେମାନଙ୍କ ପାଇଁ ବୋଝ ପାଲଟି ଯାଆନ୍ତି, ପିଲାମାନେ ମାନସିକ ଭାରସାମ୍ୟ ହରାନ୍ତି। ଏମାନଙ୍କ ମଧ୍ୟରେ ଆତ୍ମହତ୍ୟାପ୍ରବଣତା ଦେଖାଯାଏ। ସାମାନ୍ୟ ହାର ସେମାନେ ବରଦାସ୍ତ କରିପାରନ୍ତି ନାହିଁ। ପିତାମାତା ଛୋଟ ଛୋଟ ଅସଫଳତା ମଧ ସହ୍ୟ କରିପାରୁ ନଥିବାରୁ ପିଲାମାନେ ସ୍ୱାଭାବିକ ଭାବରେ ବଡ଼ ହୋଇପାରନ୍ତି ନାହିଁ। ବଡ଼ ହେବା ପରେ ସେମାନେ ଅନ୍ୟମାନଙ୍କ ଆଶାକୁ ସାମ୍ନା କରିବାକୁ ଡରନ୍ତି ଏବଂ ଆଶା ପୂରଣ କରିନପାରିଲେ ନିଜ ଜୀବନକୁ ମୂଲ୍ୟହୀନ ମନେକରନ୍ତି। ପିତାମାତାଙ୍କର ଏହି ଅଭ୍ୟାସକୁ ହାଇପର ପ୍ୟାରେଣ୍ଟିଙ୍ଗ ସିଣ୍ଡ୍ରୋମ୍ ବୋଲି କୁହାଯାଏ। ଏହି ପିତାମାତା ନିଜର ନକାରାତ୍ମକ ଭାବନା ତ ପ୍ରକାଶ କରିପାରନ୍ତି କିନ୍ତୁ ସକାରାତ୍ମକ ଭାବନା ନୁହେଁ। ମାତ୍ର ପିଲା ପାଇଁ ତା ସମ୍ପର୍କରେ କ'ଣ ସକାରାତ୍ମକ ଭାବନା ରହିଛି ପିତାମାତାଙ୍କର ତାହା ଜାଣିବା ଖୁବ୍ ଜରୁରୀ। ପିତାମାତାଙ୍କର ଏହି ଅତ୍ୟଧିକ ଆଶା ଓ ସନ୍ତାନକୁ ସବୁଥିରେ ସଫଳ ଦେଖିବାର ସ୍ୱପ୍ନ ସେମାନଙ୍କଠାରୁ ସନ୍ତାନକୁ ଛଡ଼ାଇ ଦିଏ। ତେଣୁ ସନ୍ତାନ ଅସଫଳ ହେଲେ ତାକୁ ସଫଳ ହେବା ପାଇଁ ପ୍ରେରଣା ଦିଅନ୍ତୁ। ମାତ୍ର ଅସଫଳତାକୁ ତା ପାଇଁ ବୋଝ କରିଦିଅନ୍ତୁ ନାହିଁ।

**ତୁଳନା କରୁଥିବା ପିତାମାତା-ବଡ଼ିମା ଦେଖାଉଥିବା ସନ୍ତାନ:** ଅନେକ ପିତାମାତା ଅଛନ୍ତି ଯେଉଁମାନେ ନିଜ ପିଲାର ପ୍ରତିଭାକୁ ଠିକ୍ ଭାବରେ ଚିହ୍ନିପାରନ୍ତି ନାହିଁ। ପ୍ରତି ସମୟରେ ପିଲାକୁ ଏହା କହି ଦୁର୍ବଳ କରାଇ ଦିଅନ୍ତି-ଯଦି ସେ ଏହା ପାରୁଛି, ତୁ କାହିଁକି ପାରିବୁନି। ଏମିତି ପିଲା ନିଜକୁ କୌଣସି କାର୍ଯ୍ୟର ଯୋଗ୍ୟ ବୋଲି ଭାବନ୍ତି ମୋ ପାଖରେ କିଛି ବି ନାହିଁ। ଏହି ଭାବନା ଲୁଚାଇବା ପାଇଁ ସେ ଅଧିକ ବଢ଼େଇ ଚଢ଼େଇ କହିବାର ଅଭ୍ୟାସ କରିନିଏ। ନିଜକୁ ଅନ୍ୟଠାରୁ ବଡ଼ ଦେଖାଇବା ପାଇଁ ସେ ମିଛ କଥା କୁହେ। ତେଣୁ ପିଲାକୁ ସବୁବେଳେ ଅନ୍ୟ ସହ ତୁଳନା କରି ତାକୁ ଭାଙ୍ଗି ଦିଅନ୍ତୁ ନାହିଁ। ବରଂ ଛୋଟ ଛୋଟ ସଫଳତାରେ ପ୍ରଶଂସା କରନ୍ତୁ ଏବଂ ସଫଳ ହେବା ପାଇଁ ପ୍ରେରଣା ଓ ସହଯୋଗ ଦିଅନ୍ତୁ।

**ସମୟ ଦେଉନଥିବା ପିତାମାତା-ଗର୍ବୀ ସନ୍ତାନ:** କିଛି ପିତାମାତା ଅଛନ୍ତି ଯେଉଁମାନଙ୍କର ପିଲାର ଦାୟିତ୍ୱପ୍ରତି ଆଗ୍ରହ ନଥାଏ। ସେମାନେ ପିଲାଙ୍କ ପାଇଁ ସମୟ ଦିଅନ୍ତି ନାହିଁ। ବରଂ ପିଲାକୁ ଶାସନ କଲେ ମନଦୁଃଖ କରନ୍ତି। ସେମାନଙ୍କର ବ୍ୟବହାର ମଧ ପିଲା ଉପରେ ଖରାପ ପ୍ରଭାବ ପକାଏ। ସମୟ ଦେଉନଥିବାରୁ ଏହି ପିତାମାତା ପ୍ରାୟ ପିଲାକୁ କେଉଁଥିରେ ବାରଣ କରିପାରନ୍ତି ନାହିଁ। ଫଳରେ ପିଲା ଅତ୍ୟଧିକ ଆତ୍ମବିଶ୍ୱାସୀ ଓ ଗର୍ବୀ ହୋଇଯାଆନ୍ତି। ସେମାନେ ନିଜର ସମାଲୋଚନା କେବେ ମଧ ବରଦାସ୍ତ କରିପାରନ୍ତି ନାହିଁ। ଆପଣଙ୍କ ପାଖରେ ଧନ ପ୍ରତିପତ୍ତି, କ୍ଷମତା ସବୁକିଛି ଥାଇପାରେ କିନ୍ତୁ ସମସ୍ତେ ଭୁଲିଯାଉଛେ ଯେ ପିଲାମାନେ ହେଉଛନ୍ତି ଆମର ସବୁଠାରୁ ମୂଲ୍ୟବାନ ସମ୍ପତ୍ତି। ସେମାନଙ୍କୁ ଆମେ ଯେଉଁପରି ଗଢ଼ିତୋଳିବା ସେମାନେ ସେହିପରି ଜୀବନ ନିର୍ବାହ କରିବେ ଓ ସେମାନଙ୍କ ଜୀବନର ମୂଲ୍ୟବୋଧକୁ ଆଗେଇ ନେଇ ଆପଣଙ୍କର ଆପଣଙ୍କ ପରିବାରର ଓ ଆପଣଙ୍କ ଆତ୍ମୀୟସ୍ୱଜନ ବନ୍ଧୁବର୍ଗ ସମସ୍ତଙ୍କର ସମ୍ମାନ ବଢ଼ାଇବେ। ଏହାକୁ ମନେରଖିବା ଉଚିତ।

**ରଶ୍ମୀରେଖା ପରିଡ଼ା, ମରିଚପୁର, ବାଲିକୁଦା, ଜଗତସିଂହପୁର, ଦୂରଭାଷ: ୯୧୭୮୨୧୩୭୯୧**

# DISPLAY CLASSIFIED


**FOR ADVERTISEMENT CONTACT**
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

**TARIFF:** 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**VED BHAWAN**
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

**ADMISSION ON**
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

**ADMISSION ON**
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ବନ୍ଧୁ ମିଳନ ସମାରୋହ



ଗଞ୍ଜାମ (ପିଏନ୍): ୩୦ ଡିସେମ୍ବର ଶ୍ରୀ ଶ୍ରୀ ମା ରାମଚଣ୍ଡୀଙ୍କ ପ୍ରାଙ୍ଗଣରେ, ଭାରତୀ ବିଦ୍ୟାପୀଠ, ଗଂଜାମର ୧୯୯୦ ମସିହା ୧୦ମ ଶ୍ରେଣୀ ଛାତ୍ର ସମୂହଙ୍କ ଏକ ବନ୍ଧୁ ମିଳନ ସମାରୋହ ପାଳିତ ହୋଇଯାଇଅଛି। ଉକ୍ତ ସମାରୋହରେ ଛାତ୍ର ସମୟର ବନ୍ଧୁମାନଙ୍କ ମିଳନ ଖୁବ୍ ଭାବପୂର୍ଣ୍ଣ ଥିଲା। ସେଠାରେ ଅବସରପ୍ରାପ୍ତ ପୂର୍ବତନ କ୍ରୀଡା ଶିକ୍ଷକ ଶ୍ରୀଯୁକ୍ତ ଅଶୋକ କୁମାର ପାତ୍ରଙ୍କୁ ଆମନ୍ତ୍ରଣ ପୂର୍ବକ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା ସହ କେତେକ ସ୍ୱର୍ଗୀୟ ଶିକ୍ଷକ ଓ ବନ୍ଧୁମାନଙ୍କ ସ୍ମୃତିରେ ଦୁଇ ମିନଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶିକ୍ଷକ ଶ୍ରୀ ପାତ୍ରଙ୍କ ଅଭିଭାଷଣରେ ବନ୍ଧୁମାନେ ନିଜ ନିଜ ଛାତ୍ର ସମୟକୁ ଫେରିଯାଇ ଭାବବିହ୍ୱଳ ହୋଇଯାଇଥିଲେ। ବନ୍ଧୁମାନଙ୍କ ସଭାରେ ମୁଖ୍ୟତଃ ଶ୍ରୀ ଦିଲ୍ଲୀପ କୁମାର ପାତ୍ର ନିଜ ବିଦ୍ୟାଳୟର ଉନ୍ନତି ସାଧନରେ ଧ୍ୟାନ ଦେବାକୁ ଆହ୍ୱାନ ଦେଇଥିବା ବେଳେ, ସମାଜର ଉନ୍ନତି ପାଇଁ ପୂର୍ବତନ ଶିକ୍ଷକମାନଙ୍କର ଶିକ୍ଷାର ମହତ୍ୱ ଉପରେ ଗୁରୁତ୍ୱ ଦେଇ ନିଜ ନିଜ ଆଚରଣ ଓ ଉଚ୍ଚାରଣରେ ସଂଯମତା ରକ୍ଷାକରିବା ଓ ଏହାର ପ୍ରସାର କରିବା ଦିଗରେ ଶ୍ରୀ ବନଜ କୁମାର ପାଣିଗ୍ରାହୀ ଧ୍ୟାନ ଆକର୍ଷଣ କରିଥିଲେ। ଶ୍ରୀ ସନ୍ତୋଷ କୁମାର ପଣ୍ଡା ବିବରଣୀ ପଠନ ସହ ଧନ୍ୟବାଦ ଅର୍ପଣ କରିଥିଲେ। ବନ୍ଧୁ ମିଳନ କାର୍ଯ୍ୟରେ ଶ୍ରୀ ନିରଂଜନ ପରିଡାଙ୍କ ଭୂମିକାକୁ ସମସ୍ତେ ଖୁବ୍ କରତାଳି ସହ ପ୍ରଶଂସା କରିଥିଲେ। ଅନ୍ୟାନ୍ୟ ବନ୍ଧୁମାନଙ୍କ ମଧ୍ୟରେ ଶ୍ରୀ ରୋହିତ କୁମାର ବେହେରା, ଟୁନା ମହାରଣା, ଡି. ମୋହନ ରେଡ୍ଡୀ, ସୁମା ଦାସ, ରାମନାଥ ବେହେରା, ଅଜୟ କୁମାର ବାରିକ, ନିଳାଂଚଳ ବାରିକ, ବିନାୟକ ମାହାପାତ୍ର, ସଂଗ୍ରାମ କେଶରୀ ପାତ୍ର ଆଦି ମୋଟ ୫୨ ଜଣ ବନ୍ଧୁ ଭାବପୂର୍ଣ୍ଣ ହୋଇ ଖୁସିରେ ସଂଗୀତର ତାଳେ ତାଳେ ନାଚିଥିଲେ। ଶେଷରେ ସମସ୍ତଙ୍କୁ ଆଜି ଦିନର ସ୍ମୃତିସନ୍ତକ ରୂପେ ଗୋଟିଏ ଗୋଟିଏ ପ୍ରତ୍ୟାବର୍ତ୍ତନ ଉପହାର ମଧ ପ୍ରଦାନ କରାଯାଇଥିଲା।

## ପଞ୍ଚମ ଶ୍ରେଣୀ ବୃତି ପରୀକ୍ଷା ଫଳ ପ୍ରକାଶିତ, ୭ ଜଣରୁ ୬ଜଣ ଶିଶୁ ମନ୍ଦିରର ଛାତ୍ରଛାତ୍ରୀ



ଚମ୍ପୁଆ (ପିଏନ୍): ଚମ୍ପୁଆ ଶିକ୍ଷା ବ୍ଲକର ପଂଚମ ଶ୍ରେଣୀ ବୃତି ପରୀକ୍ଷାଫଳ ପ୍ରକାଶ ପାଇଛି। ଏଥିରେ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରଛାତ୍ରୀମାନେ ବାଜିମାତ କରିଥିବା ଜଣାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ସରସ୍ୱତୀ ଶିଶୁ ମନ୍ଦିର କରିଆର ଛାତ୍ରୀ ଶକ୍ତି ପ୍ରଦାୟିନୀ ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସରସ୍ୱତୀ ଶିଶୁ ମନ୍ଦିର ଚମ୍ପୁଆର ଛାତ୍ର ଦିପ୍ କୁମାର ମୁର୍ମୁ ଦ୍ୱିତୀୟ, ଓମପ୍ରକାଶ ନାଏକ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ କରିଆ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ର ଗୌରବ ପଣ୍ଡା ଚତୁର୍ଥ, କେମୁଣ୍ଡିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଜ୍ୟୋତିର୍ମୟୀ ମହାନ୍ତ ପଂଚମ, ସରସ୍ୱତୀ ଶିଶୁ ମନ୍ଦିର ରିମୁଳିର ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶନୀ ଗିରି ଷଷ୍ଠ, ଚମ୍ପୁଆ ଶିଶୁ ମନ୍ଦିରର ଛାତ୍ର ଓମ ଶୁଭମ ନନ୍ଦ ସପ୍ତମ ସ୍ଥାନ ଅଧିକାର କରିଛନ୍ତି ବୋଲି ବ୍ଲକ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ନାଏକ ସୂଚନା ଦେଇଛନ୍ତି।

## ମା' ଓ ଦାଦାଙ୍କୁ ପ୍ରାଣାନ୍ତକ ଆକ୍ରମଣ, ଯୁବକ ଗିରଫ

ଧର୍ମଶାଳା (ପିଏନ୍): ନିଜ ମା' ଓ ସଂପର୍କୀୟ ଦାଦାଙ୍କୁ ପ୍ରାଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ଧର୍ମଶାଳା ଥାନା ପୁଲିସ୍ ମିର୍ଜାପୁର ଗ୍ରାମର ସୁମନ୍ତ ବିଶ୍ୱାଳଙ୍କୁ ଗିରଫ କରିଛି। ଅଭିଯୁକ୍ତ ସୁମନ୍ତଙ୍କୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ମିର୍ଜାପୁର ଗ୍ରାମର ସନ୍ତୋଷ ବିଶ୍ୱାଳଙ୍କ ପୁଅ ସୁମନ୍ତ ନିଶାପାଣି ଖାଇବା ପାଇଁ ଗତକାଲି ମା' ନର୍ମଦା ବିଶ୍ୱାଳଙ୍କୁ ଟଙ୍କା ମାଗିଥିଲା। ତେବେ ମା' ଟଙ୍କା ଦେବାକୁ ମନାକରି ଦେବାରୁ ଉତ୍‌କ୍ଷିପ୍ତ ହୋଇ ଏକ କାଠ ଫାଳିଆରେ ସେ ନର୍ମଦାଙ୍କୁ ପିଟିଥିଲା। ଏହା ଦେଖି ନିକଟରେ ଥିବା ସମ୍ପର୍କୀୟ ଦାଦା ବାବନ ବିଶ୍ୱାଳ ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲା। ଉଭୟ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଧର୍ମଶାଳା ଡାକ୍ତରଖାନାରେ ଚିକିତ୍ସା କରାଯାଇଛି। ଏ ସଂପର୍କରେ ମା' ଓ ଦାଦା ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ୭୧୩/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସୁମନ୍ତଙ୍କୁ ଗିରଫ କରିଛି। ଟଙ୍କା କେଇଟା ପାଇଁ ପୁଅ ମା' ଓ ଦାଦାଙ୍କୁ ପ୍ରାଣାନ୍ତକ ଆକ୍ରମଣ କରିବା ଘଟଣାକୁ ସ୍ଥାନୀୟ ଅଂଚଳରେ ନିନ୍ଦା କରାଯାଇଛି।

## ଗଂଜେଇ ଜବତ, ୨ ଗିରଫ




ଧର୍ମଶାଳା (ପିଏନ୍): ଯାଜପୁର ଜିଲ୍ଲା ପୁଲିସ୍‌ର ସ୍ୱତନ୍ତ୍ର ସ୍କ୍ୱାର୍ଡ ଧର୍ମଶାଳା ଥାନା ଗାନ୍ଧିଛକ ନିକଟରୁ କାର୍‌ରେ ଚାଲାଣ ହେଉଥିବା ବିପୁଳ ପରିମାଣର ଗଂଜେଇ ଜବତ କରିଛି। ପୁଲିସ୍ ୨ଜଣ ବେପାରୀଙ୍କୁ ଗିରଫ କରିଥିବା ବେଳେ ଜଣେ ମହିଳା ବେପାରୀ ଚମ୍ପଟ ମାରିଥିଲା। ଅଭିଯୁକ୍ତଙ୍କ ନିକଟରୁ ବ୍ୟବହୃତ କାର୍, ବାଇକ୍, ୭କିଲୋରୁ ଅଧିକ ଗଂଜେଇ, ମୋବାଇଲ ଓ ଟଙ୍କା ଜବତ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ସ୍ଥାନୀୟ ସରପଂଚଙ୍କ ଭାଇ ହୋଇଥିବା ବେଳେ ଖସିଯାଇଥିବା ମହିଳା ତାଙ୍କ ଭାଇବୋହୂ ବୋଲି ଜଣାପଡ଼ିଛି। ଗିରଫ ଗଂଜେଇ ବେପାରୀ ମାର୍ଶାଘାଇ ଅଂଚଳର ପ୍ରଭାତ କୁମାର ବେହେରା ଓ କଂଟିଗଡ଼ିଆ ଗ୍ରାମର ସୁଶାନ୍ତ କୁମାର ରାଉତଙ୍କୁ ପୁଲିସ୍ ପକ୍ଷରୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ ମାର୍ଶାଘାଇ ଅଂଚଳର ପ୍ରଭାତ ଓ ତାଙ୍କର ସହଯୋଗୀ ଏକ କାର୍‌ରେ ଫୁଲବାଣୀରୁ ଗଂଜେଇ ଆଣି ବିଭିନ୍ନ ସ୍ଥାନରେ ବେପାରୀଙ୍କୁ ବିକ୍ରିକରି ଫେରୁଥିଲେ। ଏ ସମ୍ପର୍କରେ ଖବର ପାଇ ୨ଜଣ ପୁଲିସ୍ ଅଧିକାରୀ ଏକ ବାଇକ୍‌ରେ ଛତିଆରୁ ଗଂଜେଇ ବୋଝେଇ କାର୍‌ର ପିଛା କରି ଗାନ୍ଧିଛକ ନିକଟରେ କାବୁ କରି ନେଇଥିଲେ। ପୁଲିସ୍ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।




# ୪୫୦ ସିରିଜ ପାଇଁ ଏକାଧିକ ନୂଆ ଅପଡେଟ୍ ସହିତ 'ଆଥରଷ୍ଟାକ୍ ୫.୦'ର ଶୁଭାରମ୍ଭ




**ଭୁବନେଶ୍ୱର:** ଭାରତର ଅଗ୍ରଣୀ ଇଲେକ୍ଟ୍ରିକ୍ ସ୍କୁଟର ମାନୁଫ୍ୟାକ୍ଚରର୍ ଆଥର ଏନର୍ଜି ଏହାର କଷ୍ଟମର ଇଭେଂଟ୍ ଆଥର୍ କମ୍ୟୁନିଟି ଡେ'ରେ ଏହାର ଉତ୍ପାଦଗୁଡିକରେ ଏକାଧିକ ଶିଳ୍ପ ପ୍ରଥମ ଫିଚରଗୁଡିକର ଶୁଭାରମ୍ଭ କରିଛି । ଆଥର୍ ପକ୍ଷରୁ ଏହାର ସଫ୍ଟୱେୟାର ଇଞ୍ଜିନ୍‌ରେ ସର୍ବବୃହତ୍ ଅପ୍‌ଗ୍ରେଡ୍, ଆଥର୍‌ଷ୍ଟାକ୍ ୫.୦ର ଆରମ୍ଭ କରାଯାଇଛି ଯାହା ଗାଡିକୁ ପରିଚାଳନା କରୁଛି । ଆଥର୍‌ଷ୍ଟାକ୍ ୫.୦ ଗୁଗଲ୍ ଦ୍ୱାରା ପରିଚାଳିତ ଭେକ୍ଟର ମ୍ୟାପ୍‌ର ଶୁଭାରମ୍ଭ କରିବା ବ୍ୟତୀତ ଡ୍ୟାଶବୋର୍ଡ ପାଇଁ ଏକ ବ୍ରାଣ୍ଡ ନ୍ୟୁ ୟୁଆଇକୁ ପରିଚାଳନା କରିବ । କମ୍ପାନୀ ୪ଟି ନୂଆ କଲର୍, ଏକ ନୂଆ ଆରାମଦାୟକ ସିଟ୍, ଗଡାଣିଆ ରାସ୍ତାରେ ଚାଳନାରେ ସହଯୋଗ କରିବା ପାଇଁ ଅଟୋହୋଲ୍ଡଟିଏମ୍ ଓ ଏକ ଅତୁଳନୀୟ ୫ ବର୍ଷର ଏକ୍ସଟେଣ୍ଡେଡ୍ ବ୍ୟାଟେରୀ ୱାରେଂଟି ପ୍ରୋଗ୍ରାମର ଶୁଭାରମ୍ଭ କରିଛି ଏବଂ ଆଥର୍‌ର ସ୍କୁଟର ଆକ୍‌ସେସରିଜ୍ ଓ ମର୍ଚ୍ଚାଣ୍ଡାଇଜ୍‌କୁ ଉନ୍ମୋଚନ କରି ଗ୍ରାହକଙ୍କ ପାଇଁ ବିକଳ୍ପଗୁଡିକୁ ବ୍ୟାପକ କରିଛି । ଆଥରଷ୍ଟାକ୍ ହେଉଛି ଏକ ସଫ୍ଟୱେୟାର ଇଞ୍ଜିନ୍ ଯାହା ଆଥର୍ ୪୫୦ଏକ୍ସରେ ସମସ୍ତ ସିଙ୍ଗଲ୍ ୟୁଜର୍ ଅଭିଜ୍ଞତାକୁ ସଶକ୍ତ କରୁଛି, ଯାହା ସଫ୍ଟୱେୟାର, ଫାର୍ମୱେୟାର, ସିଷ୍ଟମ ଇଂଟେଲିଜେନ୍ସ ଓ ଆଲ୍‌ଗୋରିଦ୍‌ମର ବିଭିନ୍ନ ଇଂଟରକନେକ୍ଟେଡ୍ ଲେୟର୍ ଉପରେ ନିର୍ମିତ ।

ନୂଆ ଆଥରଷ୍ଟାକ୍ ୫.୦ର ଶୁଭାରମ୍ଭ ସମ୍ପର୍କରେ ଆଥର୍ ଏନର୍ଜିର ସହପ୍ରତିଷ୍ଠାତା ଓ ସିଇଓ ତରୁଣ ମେହେଟା କହିଛନ୍ତି, ୨୦୧୮ରେ ଯେତେବେଳେ ଆମେ ଆଥର ୪୫୦ରେ ଆଥରଷ୍ଟାକ୍ ଉନ୍ମୋଚନ କରିଥିଲୁ, ଏହା ଭାରତରେ, ବୋଧହୁଏ ସମଗ୍ର ବିଶ୍ୱରେ କୌଣସି ଦୁଇଚକିଆ ଯାନରେ ପ୍ରଥମ ସଫ୍ଟୱେୟାର ଇଞ୍ଜିନ୍ ଥିଲା । ଏକ ଫ୍ଲୁଇଡ୍ ନ୍ୟୁ ୟୁଆଇ ଓ ଗୁଗଲ୍ ଭେକ୍ଟର ମ୍ୟାପ୍ ସହିତ ଆଥରଷ୍ଟାକ୍ ୫.୦ ଆମର ଟଚ୍‌ସ୍କ୍ରିନ୍ ଓ ମ୍ୟାପ୍ ଅନୁଭୂତିକୁ ଏକ ନୂଆ ସ୍ତରକୁ ନେଉଛି । ଏହା ଆମକୁ ଅଟୋହୋଲ୍ଡଟିଏମ୍ ଭଳି ନୂଆ ଅନୁଭୂତିଗୁଡିକୁ ଅନ୍‌ଲକ୍ କରିବା ପାଇଁ ଆମର ହାର୍ଡୱେୟାରକୁ ବ୍ୟବହାର କରିବା ଲାଗି ସକ୍ଷମ କରୁଛି ।'

ଆଜି ଆଥର୍ ଏନର୍ଜିରେ ୮୫୦+ ଫାଷ୍ଟ୍ ଚାର୍ଜର ସହିତ ଦୁଇଚକିଆ ଯାନ ପାଇଁ ସର୍ବବୃହତ୍ ଫାଷ୍ଟ-ଚାର୍ଜିଙ୍ଗ୍ ନେଟ୍‌ୱର୍କ ରହିଛି । ସମଗ୍ର ଇଭି ଇକୋସିଷ୍ଟମକୁ ମଜଭୁତ କରିବା ଏବଂ ସମସ୍ତ ହିତାଧିକାରୀଙ୍କ ଚିନ୍ତା ଦୂର କରିବା ପାଇଁ ଆଥର ଏହାର ନୂଆ ଅଭିଯାନ- ଆଥର୍ ନେବରହୁଡ୍ ଚାର୍ଜିଙ୍ଗ୍‌ର ଘୋଷଣା କରିଛି । ଏହି ଚାର୍ଜିଙ୍ଗ୍ ସମାଧାନ ଆପାର୍ଟମେଂଟ୍ କମ୍ପ୍ଲେକ୍ସ, ଅଫିସ୍ ବିଲ୍ଡିଂ ଓ ଟେକ୍ ପାର୍କ ଭଳି ସେୟାର୍‌ଡ ପ୍ରାଇଭେଟ୍ ସ୍ଥାନଗୁଡିକରେ ଚାର୍ଜିଂ ପଏଂଟ୍ ପାଇଁ ଆକ୍‌ସେସ୍ ଦେଉଛି । ଆଥର୍ ପକ୍ଷରୁ ଏକ ନୂଆ ଫ୍ରଂଟ୍ ଷ୍ଟୋରେଜ୍ ସଲ୍ୟୁଶନ- ଦ ଫ୍ରଙ୍କ୍‌ର ଉନ୍ମୋଚନ କରାଯାଇଛି ଯାହା ଚାଳକଙ୍କ ଲେଗ୍‌ରୁମ୍‌ରେ ସାଲିସ୍ ନକରି କ୍ୱିକ୍ ଆକ୍‌ସେସ ଷ୍ଟୋରେଜ୍ ପ୍ରଦାନ କରୁଛି । ଏଥିରେ ଏକ ପ୍ରଶସ୍ତ ୧୪ ଲିଟର୍ କ୍ଷମତା ସହିତ ମୋବାଇଲ ଫୋନ୍ ପାଇଁ ଅତିରିକ୍ତ ୱାଟରପ୍ରୁଫ୍ କମ୍ପାର୍ଟମେଂଟ୍ ରହିଛି ଏବଂ ଏହା ୫ କିଲୋଗ୍ରାମ ପର୍ଯ୍ୟନ୍ତ ଓଜନ ଧରି ରଖିପାରେ । ଏହା ୧୦୦% ପଲିଷ୍ଟର ରିପ୍‌ଷ୍ଟପ୍ ମ୍ୟାଟେରିଆଲରେ ନିର୍ମିତ ଏବଂ ଏହା ଜଳ ଓ ଘାସ ପ୍ରତିରୋଧୀ ଅଟେ ।

# ରିଅଲ୍‌ମିର ନୂଆ ରିଅଲ୍‌ମି ୧୦ ସ୍ମାର୍ଟଫୋନ ଉନ୍ମୋଚିତ

**ଭୁବନେଶ୍ୱର:** ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ସ୍ମାର୍ଟଫୋନ୍ ବ୍ରାଣ୍ଡ ରିଅଲ୍‌ମି ପକ୍ଷରୁ ଏହାର ରିଅଲ୍‌ମି ୧୦ ସିରିଜ୍‌ରେ ନୂଆ ସ୍ମାର୍ଟଫୋନ୍ ରିଅଲ୍‌ମି ୧୦ର ଶୁଭାରମ୍ଭ ଘୋଷଣା କରାଯାଇଛି । ଅପ୍‌ଗ୍ରେଡେଡ୍ ଟେକ୍ନୋଲୋଜି, ଅତ୍ୟାଧୁନିକ ଫିଚର ଓ ପ୍ରଦର୍ଶନ ସହିତ ରିଅଲ୍‌ମି ଚଳିତ ନବବର୍ଷରେ ସ୍ମାର୍ଟଫୋନ୍ ଉପଭୋକ୍ତାଙ୍କ ପାଇଁ ସାଲିସ୍‌ବିହୀନ ଯୋଗାଯୋଗ ପ୍ରଦାନ କରିବା ଜାରି ରଖିଛି । ରିଅଲ୍‌ମି ୧୦ ମିଡିଆଟେକ୍ ହେଲିଓ ଜି୯୯ ପ୍ରୋସେସର ଓ ୯୦ଏଚ୍‌ଜେଡ୍ ୬.୪ ଇଂଚ୍ ସୁପର୍ ଆମୋଲେଡ୍ ଡିସ୍‌ପ୍ଲେ, ୩୩ୱାଟ୍ ସୁପରଭିଓଓସି ଚାର୍ଜ ସହିତ ବିଶାଳ ୫୦୦୦ ଏମ୍‌ଏଏଚ୍ ବ୍ୟାଟେରୀ, ୫୦ଏମ୍‌ପି ମେନ୍ କ୍ୟାମେରା ଓ ୧୬ ଏମ୍‌ପି ସେଲ୍‌ଫି କ୍ୟାମେରା ଦ୍ୱାରା ପରିଚାଳିତ । ରିଅଲ୍‌ମି ୧୦ ଦୁଇଟି ଆକର୍ଷଣୀୟ ରଙ୍ଗ- କ୍ଲାସ୍ ହ୍ୱାଇଟ୍ ଓ ରସ୍ ବ୍ଲାକ୍‌ରେ ଏବଂ ଦୁଇଟି ଷ୍ଟୋରେଜ୍ ଭାରିଆଂଟ୍- ୪ଜିବି+୬୪ଜିବି ପାଇଁ ୧୩,୯୯୯ ଟଙ୍କାରେ ଓ ୮ଜିବି+୧୨୮ଜିବି ପାଇଁ ୧୬,୯୯୯ ଟଙ୍କାରେ ଉପଲବ୍ଧ




ହେବ । ଏହାର ସେଲ୍ ଆସନ୍ତା ଜାନୁଆରୀ ୧୫ ତାରିଖ ରାତି ୧୨ଟା ପରଠାରୁ ରିଅଲ୍‌ମି ଡଟ୍ କମ୍, ଫ୍ଲିପ୍‌କାର୍ଟ ଓ ମେନ୍‌ଲାଇନ୍ ଚ୍ୟାନେଲଗୁଡିକରେ ଆରମ୍ଭ ହେବ । ରିୟଲମି ୧୦ (୪ଜିବି+୬୪ଜିବି) ଗ୍ରାହକଙ୍କ ପାଇଁ ୧୨,୯୯୯ଟଙ୍କାରେ ଉପଲବ୍ଧ ହେବ, କ୍ରେତାମାନେ ଫ୍ଲିପକାର୍ଟ ଏବଂ ରିୟଲମି.କମ ରେ ଆଇସିଆଇସିଆଇ ଡେବିଟ କାର୍ଡ, କ୍ରେଡିଟ କାର୍ଡ, ଏବଂ ଇଏମଆଇ ଟ୍ରାଞ୍ଜାକ୍ସନ ଉପରେ ୧୦୦୦ଟଙ୍କାର ତୁରନ୍ତ ରିହାତି ଉପଲବ୍ଧ କରିପାରିବେ ।

ଏହି ଲଂଚ୍ ଅବସରରେ ରିଅଲ୍‌ମି ଇଣ୍ଡିଆର ସିଇଓ, ରିଅଲ୍‌ମିର ଭିପି ଓ ରିଅଲ୍‌ମି ଇଂଟରନ୍ୟାଶନାଲ ବିଜ୍‌ନେସ୍ ଗ୍ରୁପ୍‌ର ଅଧ୍ୟକ୍ଷ ମାଧବ ସେଠ୍ କହିଛନ୍ତି, ' ସୁଲଭ ମୂଲ୍ୟରେ ଅତ୍ୟାଧୁନିକ ଟେକ୍ନୋଲୋଜି ମାଧ୍ୟମରେ ଯୁବପିଢିଙ୍କୁ ସଶକ୍ତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଜାରି ରଖି ଆମେ ରିଅଲ୍‌ମି ୧୦ର ଶୁଭାରମ୍ଭ କରିଛୁ ଯାହା ସେଗ୍‌ମେଂଟ୍‌ର ସବୁଠାରୁ ପତଳା ଡିଜାଇନ୍, ବେଷ୍ଟ-ଇନ୍-କ୍ଲାସ୍ ଫିଚର ପ୍ରଦାନ କରୁଛି । ଆମର 'ଏପିକ୍ ପରଫର୍ମାନ୍ସ ନ୍ୟୁ ଭିଜନ' ଆଭିମୁଖ୍ୟ ସହିତ ରିଅଲ୍‌ମି ୧୦ ଯୁବପିଢିଙ୍କୁ ସେମାନଙ୍କର ଆଧୁନିକ ଦିନର ଅଭିଳାଷଗୁଡିକୁ ପୂରଣ କରିବା ପାଇଁ ଅଧିକ ବିକଳ୍ପ ପ୍ରଦାନ କରି ସଶକ୍ତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି । ଆମେ ଆମର ଉପଭୋକ୍ତାମାନେ ରିଅଲ୍‌ମି ୧୦ ଓ ଆଗାମୀ ବର୍ଷଗୁଡିକରେ ଏଭଳି ଉତ୍ପାଦଗୁଡିକୁ ବ୍ୟବହାର କରିବା ପାଇଁ ଅପେକ୍ଷା କରିରହିଛୁ ।'

ରିଅଲ୍‌ମି ୧୦ରେ ଏକ ଆଡ୍‌ଭାନ୍ସଡ୍ ୫୦ଏମ୍‌ପି ପ୍ରାଇମେରୀ କ୍ୟାମେରା, ଏକ ୧୬ଏମ୍‌ପି ସେଲ୍‌ଫି ଓ ଏକ ୨ଏମ୍‌ପି ବିଆଣ୍ଡଡବ୍ଲ୍ୟୁ ପୋର୍ଟ୍ରେଟ୍ ଲେନ୍ସ ରହିଛି । ଏହାର ପ୍ରାଇମେରୀ କ୍ୟାମେରା ୫୦ଏମ୍‌ପି ଅଲ୍‌ଟ୍ରା ଏଚ୍‌ଡି ମେନ୍ କ୍ୟାମେରାର ବ୍ୟବହାର କରୁଛି ଏବଂ ଏଫ୍୧.୮ ଆପେରଚର, ୭୭° ଏଫ୍‌ଓଭି ଓ ୨ଏମ୍‌ପି ବିଆଣ୍ଡ୍‌ଡବ୍ଲ୍ୟୁ ପୋର୍ଟ୍ରେଟ୍ ଲେନ୍ସ ସହ ଆସୁଛି ।

## ପ୍ରଶାସନିକ ବିଷୟକୁ ନେଇ ବିଜେପିର ରାଜନୀତି ନିନ୍ଦନୀୟ: ବିଜେଡି

ଭୁବନେଶ୍ୱର,(ପିଏନ)- ରାଜ୍ୟ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ସଚିବ ଭାବେ ଶ୍ରୀ ମନୋଜ ମିଶ୍ର ସଫଳତାର ସହ ଦୀର୍ଘ କାର୍ଯ୍ୟ କରିବା ସହିତ ଓଡିଶାକୁ ଜାତୀୟ ଓ ଆର୍ନ୍ତଜାତୀୟ ସ୍ତରର ଖ୍ୟାତନାମା ଆଇଟି କମ୍ପାନୀମାନଙ୍କୁ ଆଣି ଏଠାରେ ଯୁବକ ଯୁବତୀଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୃଷ୍ଟି କରିଛନ୍ତି ।

# ଭବାନିପାଟଣାରେ ଜିଲ୍ଲାସ୍ତରୀୟ ୭୪ ତମ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ

ଭବାନିପାଟଣା,(ପିଏନ)-ଜିଲ୍ଲା ସଦର ମହକୁମା ଭବାନୀପାଟଣାଠାରେ ଆସନ୍ତା ୭୪ ତମ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଶାନ୍ତ କୁମାର ପଟେଲ୍, ଉପଜିଲ୍ଲାପାଳ ଡ଼ଃ. ବିଶ୍ୱଜିତ୍ ଦାସ୍, ସି.ଡ଼ି.ଏମ୍.ଓ. ଡ଼ଃ. ରଞ୍ଜନ ମିତ୍ର ଙ୍କ ସମେତ ଆମନ୍ତ୍ରିତ ବିଭିନ୍ନ ଶିକ୍ଷାନସ୍ଥାନର କର୍ମକର୍ତ୍ତା, ଦିବସ ପାଳନ ସହ ସଂପୃକ୍ତ ବିଭାଗର ଅଧିକାରୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ତଥା ଗଣମାଧ୍ୟମ ପ୍ରତନିଧି ଉପସ୍ଥିତ ଥିଲେ । ଡି.ଆଇ.ପି.ଆ଼ର୍.ଓ ଶ୍ରୀ ମନୋଜ କୁମାର ବେହେରା ଦିବସ ପାଳନର କାର୍ଯ୍ୟକ୍ରମ ବିବରଣୀ ପାଠ କରିଥିଲେ । ସାଧାରଣତନ୍ତ୍ର ଦିବସରେ ଦିନ ସକାଳ ୫.୦୦ ଘ: ସମୟରେ ରାମଧୂନ୍, ସକାଳ ୭.୦୦ ଘ: ସମୟରେ ପ୍ରଭାତ ଫେରି ସହ ସହର ସ୍ଥିତ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସକାଳ ୭.୩୦ ମି. ସମୟରେ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ ଏବଂ ସକାଳ ୦୮. ୩୦ ମି. ସମୟରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ସହ ଉଦବୋଧନ କାର୍ଯ୍ୟକ୍ରମ ରହିଛି । ବ୍ୟାରିକେଡିଂ, ରାସ୍ତା ଓ ନାଳନର୍ଦ୍ଦମା ସଫା ସୁତୁରା, ଟ୍ରାଫିକ ନିୟନ୍ତ୍ରଣ , ସାମୁହିକ ପ୍ୟାରେଡ୍, ଅଭିବାଦନ ମଞ୍ଚକୁ ସୁସଜ୍ଜିତ, ମାସ ଡ୍ରିଲ, ଶାରୀରିକ କ୍ରୀଡା କୌଶଳ, ଫଳ ଓ ମିଷ୍ଟାନ୍ନ ବଣ୍ଟନ, ବିଭିନ୍ନ ପ୍ରତିଯୋଗିତା, ସୁନ୍ଦର ଶିଶୁ ସ୍ୱାସ୍ଥ୍ୟ ଓ ଝୋଟି ପ୍ରତିଯୋଗିତା, ପ୍ରଦର୍ଶନୀ କ୍ରିକେଟ୍ ମ୍ୟାଚ୍ , ପିଇବା ପାଣି, ଆମ୍ବୁଲାନ୍ସ, କୋଠା ବାଡି ଆଲୋକ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସୁଚାରୁରୂପେ ନିର୍ବାହ କରିବା ପାଇଁ ସଂପୃକ୍ତ ଆର୍ ଏଣ୍ଡ ବି, ପୌର ପରିଷଦ, ସ୍ୱାସ୍ଥ୍ୟ ପୋଲିସ୍, ଉଦ୍ୟାନ ବିଭାଗ, କ୍ରୀଡା ବିଭାଗ, ପି.ଏଚ୍. ଡି. ,ଯୋଗାଣ ବିଭାଗ, ଶିକ୍ଷା ବିଭାଗ, ସମାଜ କଲ୍ୟାଣ , ସଂସ୍କୃତି ବିଭାଗ ଅଧିକାରୀ ଏବଂ ଦାତା ଅନୁଷ୍ଠାନଙ୍କୁ ଦାୟିତ୍ୱ ଦିଆଗଲା । କୋଭିଡ୍ ମହାମାରୀ କଟକଣା ଯୋଗୁଁ ୨ ବର୍ଷ କୌଣସି ପ୍ୟାରେଡ୍, ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇପାରିନଥିଲା, ଏଥର ଏହି ସବୁ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ହୋଇଥିବା ଯୋଗୁଁ ଉପସ୍ଥିତ ସମସ୍ତ ସଭ୍ୟ ଆନନ୍ଦ ପ୍ରକାଶ କରିଥିଲେ । ଚଳିତ ବର୍ଷ ବିଭିନ୍ନ ସ୍କୁଲ୍ କଲେଜ୍ ରୁ ୪୨ ଟି ପ୍ଲାଟୁନ୍ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ପ୍ୟାରେଡ୍ ଅଭ୍ୟାସ ପାଇଁ ପ୍ରତ୍ୟେକ ପ୍ଲାଟୁନ୍ ୨୨/୦୧,ଏବଂ ୨୩/୦୧ ଅପରାହ୍ନ ଘ: ୦୨.୩୦ ମି ଏବଂ ୨୪/୦୧/୨୦୨୩ ସକାଳ ୦୮.୦୦ ଘ: ସମୟରେ ଲାଲ୍ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଉପସ୍ଥିତ ରହି ପ୍ୟାରେଡ ଅଭ୍ୟାସ କରିବେ । ଜିଲ୍ଲାପାଳ ସମସ୍ତ ଅଧିକାରୀ ଓ ଅନୁଷ୍ଠାନ ନିଜ ନିଜର ଦାୟିତ୍ୱ ଠିକ୍ ରୂପେ ତୁଲାଇବାକୁ କହିବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଶେଷରେ ଡି.ଆଇ.ପି.ଆ଼ର୍.ଓ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଗରୀବ କଲ୍ୟାଣ ଯୋଜନା ଉଚ୍ଛେଦ ନିଷ୍ପତି କେନ୍ଦ୍ର ସରକାର ଗରୀବଙ୍କ ପ୍ରତି ନିଷ୍ଠୁର ଉପହାସ

**ଭୁବନେଶ୍ୱର,(ପିଏନ)-**କେନ୍ଦ୍ରର ମୋଦୀ ସରକାର ଚଳିତ ଜାନୁୟାରୀ ୨୦୨୩ ଠାରୁ ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ଅନ୍ନ ଯୋଜନା ଉଚ୍ଛେଦ କରିବାର ନିଷ୍ପତି ଘୋଷଣା କରିଛନ୍ତି । ଏହି ଯୋଜନାରେ ଏପ୍ରିଲ-୨୦୨୦ ଠାରୁ ପ୍ରତ୍ୟେକ 'ଜାତୀୟ ଖାଦ୍ୟ ନିରାପତା ଆଇନ'ର ହିତାଧିକାରୀ ମାନେ ପ୍ରତିମାସରେ ମୁଣ୍ଡ ପିଛା ୫ କେଜି ହିସାବରେ ଅତିରିକ୍ତି ଚାଉଳ ମାଗଣା ପାଉଥିଲେ । ଚଳିତ ଜାନୁୟାରୀ ୨୦୨୩ ଠାରୁ ଭାରତବର୍ଷର ୮୧ କୋଟି ୩୫ ଲକ୍ଷ ଲୋକ ମାସିକ ୧୦ କେଜି ପରିବର୍ତେ ୫ କେଜି ପାଇବେ । ଅର୍ଥାତ ପ୍ରତ୍ୟେକ ଗରୀବ ପରିବାରର ରେସନ୍ ଅଧା ହୋଇଗଲା । କେନ୍ଦ୍ର ସରକାରଙ୍କର ଏହି ନିଷ୍ପତି ଦୁର୍ଭାଗ୍ୟଜନକ ତଥା ଗରୀବ ପରିବାର ପ୍ରତି ନିଷ୍ଠୁର ଉପହାସ ବୋଲି ଆଜି ପ୍ରଦେଶ କଂଗ୍ରେସ ତରଫରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମିଡ଼ିଆ ବିଭାଗ ଅଧ୍ୟକ୍ଷ ଗଣେଶ୍ୱର ବେହେରା କହିଛନ୍ତି ।

ଯେତେବେଳେ ଆନ୍ତର୍ଜାତିକ ସମ୍ପନ୍ନ 'ହଙ୍ଗର ୱାଚ' ସଦ୍ୟତମ ଆକଳନ କହୁଛି ଯେଭାରତ ବର୍ଷରେ୮୦ ଭାଗ ଲୋକ କୌଣସି ନା କୌଣସି ଖାଦ୍ୟ ନିରାପତା ରୁ ବଂଚିତ ହେଉଛନ୍ତି ଏବଂ ଯେତେବେଳେ ବିଶ୍ୱ ଖାଦ୍ୟ ସୂଚକାଙ୍କ- ୨୦୨୨ ରିପୋର୍ଟ ଅନୁସାରେ ୧୨୧ ଟି ଦେଶ ମଧ୍ୟରୁ ଭାରତର ସ୍ଥାନ ୧୦୭ । ଏହା ପ୍ରମାଣ କରୁଛି ଯେ, ଭାରତବର୍ଷରେ କ୍ଷୁଧା ଅଛି ଓ ଦାରୀଦ୍ର୍ୟ ଅଛି । ସେତେବେଳେ ୮୧ କୋଟି ୩୫ ଲକ୍ଷ ଲୋକଙ୍କର ମାସିକ ମୁଣ୍ଡପିଛା ୫ କେଜି ମାଗଣା ଚାଉଳ କାଟି ଦେବା ଘୋର ଆପତିଜନକ ।

ଖାଦ୍ୟ ନିରାପତା ଯୋଜନାର ହିତାଧିକାରୀ ମାନଙ୍କୁ ମୁଣ୍ଡପିଛା ମାସକୁ ୫ କିଲୋ ଚାଉଳ ଦେବା ମୋଦୀ ସରକାରର ଐତିହାସିକ ନିଷ୍ପତି ବୋଲି ଯେଉଁମାନେ ଡିଣ୍ଡିମ ପିଟୁଛନ୍ତି । ସେମାନେ ଭୁଲିଯିବା ଉଚିତ ନୁହେଁ । ଯେଏହି ଚାଉଳ ଯୋଜନା ତାଙ୍କର ଅଧିକାର । କେନ୍ଦ୍ର ସରକାରଙ୍କର ଦୟାନୁହେଁ । ୨୦୧୩ ମସିହାରେ ସୋନିଆ ଗାନ୍ଧୀଙ୍କ ଦିଗଦର୍ଶନରେ ତତ୍କାଳୀନ ମନମୋହନ ସିଂହ ସରକାରଏହି ଯୁଗାନ୍ତକାରୀ ଆଇନ୍ ପ୍ରଣୟନ କରିଥିଲେ । ସେତେବେଳେ ଆଜିର ପ୍ରଧାନମନ୍ତ୍ରୀ ତଥା ତତ୍କାଳୀନ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଏହାର ବିରୋଧ କରିବା ସ୍ଥଳେ ଆଜି ପ୍ରଶଂସାରେ ଶତମୁଖ ହେବା ଅତ୍ୟନ୍ତ ବିସ୍ମୟକର । ପ୍ରଧାନମନ୍ତ୍ରୀଗରୀବ କଲ୍ୟାଣ ଅନ୍ନ ଯୋଜନା (ପି.ଏମ.ଜି.କେ.ଏ.ୟାଇ) ଉଚ୍ଛେଦ କାରଣରୁ କେନ୍ଦ୍ର ସରକାର କ୍ଷମା ମାଗିବା ସହ ତୁରନ୍ତ ଏହାର ପୁନଃ ପ୍ରଚଳନ ନିଷ୍ପତି ଘୋଷଣା କରନ୍ତୁ ।

# ପଣ୍ଡିତ ଶ୍ରୀବସ୍ ଖଡିରନ୍‌ଙ୍କୁ ଡକ୍ଟରେଟ ଉପାଧି




**ଭଦ୍ରକ,(ପିଏନ):**ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକ ଅର୍ନଗତ ନାଆମୀ ଗ୍ରାମର ବିଶିଷ୍ଟ ଜ୍ୟୋତିଷ ତଥା ବାସ୍ତୁ ବିଚାରକ ପଣ୍ଡିତ ଶ୍ରୀବସ୍ ଖଡିରନ୍‌ଙ୍କୁ ଉଚ୍ଚତର ଗବେଷଣା, ଉନ୍ନତ ତଥା ନିର୍ଭରଯୋଗ୍ୟ ବିଚାର ଓ ଗଣନା ପାଇଁ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି । ରବିବାର ଭୁବନେଶ୍ୱରରେ ଆୟୋଜିତ 'ଭାରତୀୟ ଜ୍ୟୋତିଷ ଓ ବାସ୍ତୁ ସଙ୍ଗଠନ' ପକ୍ଷରୁ ଆୟୋଜିତ ୧୦ମ ଆନ୍ତର୍ଜାତୀୟ ବୈଦିକ ସଂସ୍କୃତି ଓ ଜ୍ୟୋତିଷ ସମ୍ମେଳନରେ ଶ୍ରୀବସ୍‌ଙ୍କୁ ଡକ୍ଟରେଟ ପ୍ରଦାନ କରାଯାଇଥିଲା । ଏଥିରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟଅତିଥି, ପୂର୍ବତନ ମନ୍ତ୍ରୀ ଡକ୍ଟର ପ୍ରସନ୍ନ ପାଟଶାଣୀ ମୁଖ୍ୟବକ୍ତା, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୂଳପତି ପ୍ରଫେସର ଡକ୍ଟର ହରିହର ହୋତା, ରେଡ ବୁକ ବିଶେଷଜ୍ଞ ଗୁରୁଦେବ ଜି.ଡି.ବଶିଷ୍ଠ, ବିଧାୟକ ଅନନ୍ତ ନାରାୟଣ ଜେନା, ପୁରସ୍କାର କମିଟି ମୁଖ୍ୟ ଭାରତରନ୍ ପ୍ରଫେସର ଡକ୍ଟର ପି.ଆର. ହାଲଦାର, ସମ୍ମେଳନ ସଂଯୋଜକ ବିଶିଷ୍ଟ ବାସ୍ତୁଶାସ୍ତ୍ରୀ ତଥା ଜ୍ୟୋତିଷ ପ୍ରଫେସର ଡକ୍ଟର ହୃଦାନନ୍ଦ ବଳ, ଭୁବନେଶ୍ୱର ଜ୍ୟୋତିଷ ଗବେଷଣା କେନ୍ଦ୍ର ସଙ୍ଗଠକ ଡକ୍ଟର ପୀୟୁଷ ପୀୟାଶୁ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖଡିରନ୍‌ଙ୍କୁ ଡକ୍ଟରେଟ ଉପାଧି ପ୍ରଦାନ କରିଥିଲେ । ଏଥିପୂର୍ବରୁ ଶ୍ରୀ ଖଡିରନ୍‌ଙ୍କ ପ୍ରକାଶିତ ବିଶ୍ଲେଷଣାତ୍ମକ ସନ୍ଦର୍ଭ 'ଶରୀରର ବିଭିନ୍ନ ଅଙ୍ଗ ଉପରେ ଗ୍ରହମାନଙ୍କ ପ୍ରଭାବ ଓ ଚିକିତ୍ସା ଜୋତିଷ ବିଜ୍ଞାନ' ଉଚ୍ଚ ପ୍ରଶଂସା ଲାଭ କରି ଡକ୍ଟରେଟ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା । ବିରଜା ପଞ୍ଜିକାର ଅନ୍ୟତମ ପ୍ରତିଷ୍ଠାତା ଜ୍ୟୋତିଷ ସାଧକ ମାର୍କଣ୍ଡେୟ ଖଡିରନ୍‌ଙ୍କ ପୌତ୍ର ଓ ବିରଜା ପଞ୍ଜିକାର ପ□ାଙ୍ଗ ଗଣନାକାର ଭାସ୍କର ଖଡିରନ୍‌ଙ୍କ ପୁତ୍ର ଶ୍ରୀବସ୍ ଜ୍ୟୋତିଷ ଶାସ୍ତ୍ର ଅଧ୍ୟୟନ ଓ ଜ୍ୟୋତିଷ ବିଚାରରେ ନିଜକୁ ନିୟୋଜିତ କରିଥିଲେ । ସୁବିଚାର ପାଇଁ ଜ୍ୟୋତିଷ ଗୌରବ, ଜ୍ୟୋତିଷ ଶ୍ରୀ, ଜ୍ୟୋତିଷ ସମ୍ରାଟ, ଜ୍ୟୋତିଷ ଭାସ୍କର, ଜ୍ୟୋତିଷ ତାରକା ଭଳି ବହୁ ସମ୍ମାନର ଅଧିକାରୀ ହୋଇପାରିଛନ୍ତି । ଶ୍ରୀବସ୍‌ଙ୍କ ଏହି କୃତିତ୍ୱ ପାଇଁ ମଞ୍ଜୁରୀରୋଡ ଶରତଚନ୍ଦ୍ର କଲଚରାଲ ଏକାଡେମୀ ସମ୍ପାଦକ ବିଶ୍ୱନାଥ ବାରିକ, ମଞ୍ଜୁରୀରୋଡ ସାହିତ୍ୟ ସଂସଦ ସଭାପତି କିଶୋର ଚନ୍ଦ୍ର ଦାସ, ସମ୍ପାଦକ ହରିଶ୍ଚନ୍ଦ୍ର ଜେନା, ସାହିତ୍ୟିକ କାହ୍ନୁଚରଣ ସାହୁ, ସମାଜସେବୀ ଧନେଶ୍ୱର ପଣ୍ଡା, ଅଜୟ କୁମାର ସାହୁ, ଜଗନ୍ନାଥ ଜେନା, ଅବସରପ୍ରାପ୍ତ ଅଧକ୍ଷ ସୁରଞ୍ଜନ ପଣ୍ଡା, ସାମ୍ବାଦିକ ପ୍ରକାଶ ମହାପାତ୍ର, ଅଧ୍ୟାପକ ଅନାଦି ଚରଣ ସାହୁ ପ୍ରମୁଖ ଶ୍ରୀବସ୍‌ଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# ସମ୍ବଲପୁର, ଜୟପୁର, ବ୍ରହ୍ମପୁର ଓ ବାରିପଦାଠାରେ ହେବ ଆଂଚଳିକ କୃଷି ମେଳା

ଭୁବନେଶ୍ୱର,(ପିଏନ)-ଚଳିତ ବର୍ଷ ଆଂଚଳିକ ସ୍ତରରେ ଆଉ ଚାରିଟି କୃଷି ମେଳାର ଆୟୋଜନ କରାଯିବ । ପୂର୍ବରୁ ରାଜ୍ୟସ୍ତରୀୟ କୃଷି ମହୋତ୍ସବ 'କୃଷି ଓଡ଼ିଶା' ଭୁବନେଶ୍ୱରଠାରେ ଆୟୋଜିତ ହେଉଥିଲା । କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପରାମର୍ଶ କ୍ରମେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ସମ୍ବଲପୁର, କୋରାପୁଟ, ଗଞ୍ଜାମ ଓ ମୟୂରଭଞ୍ଜ ଜିଲ୍ଲାରେ ଆଂଚଳିକ କୃଷି ମେଳାର ଆୟୋଜନ କରିବା ପାଇଁ ସ୍ଥିର କରାଯାଇଛି । ସମ୍ବଲପୁରଠାରେ ଚଳିତ ଜାନୁଆରୀ ୨୭ରୁ ୩୧ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ କୃଷି ମେଳା ଆୟୋଜନ କରାଯିବ । ସେହିପରି ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରଠାରେ କୃଷି ମେଳା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଜାନୁଆରୀ୧୩ରୁ ୧୭ ତାରିଖ ପର୍ଯ୍ୟନ୍ତ ଏବଂ କୋରାପୁଟ ଜିଲ୍ଲା ଜୟପୁରଠାରେ କୃଷି ମେଳା ଫେବୃଆରୀ ୬ରୁ ୧୦ ତାରିଖ ପର୍ଯ୍ୟନ୍ତ ଓ ମୟୂରଭଞ୍ଜ ଜିଲ୍ଲା ବାରିପଦାଠାରେ ଆଂଚଳିକ କୃଷି ମେଳା ଫେବୃଆରୀ ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ଆୟୋଜନ କରାଯିବାକୁ ସ୍ଥିର କରାଯାଇଛି ।

ଆଂଚଳିକ କୃଷି ମେଳାର ଆୟୋଜନ ଦ୍ୱାରା ରାଜ୍ୟର କୋଣ-ଅନୁକୋଣର ଲକ୍ଷ ଲକ୍ଷ ଚାଷୀ ସହଜରେ ଓ ସୁବିଧାରେ କୃଷି ମେଳାରେ ଯୋଗଦେଇ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ହୋଇଥିବା ବିକାଶ ଏବଂ ଉପଯୋଗ ହେଉଥିବା ଆଧୁନିକ ଜ୍ଞାନକୌଶଳ ଓ ପ୍ରଯୁକ୍ତିବିଦ୍ୟା ସହ କୃଷି ଯନ୍ତ୍ରପାତିଗୁଡ଼ିକର ବ୍ୟବହାର ସଂପର୍କରେ ଜାଣିବାର ସୁବିଧା ପାଇବେ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । କୃଷି ମେଳାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅନ୍ତର୍ଗତ କୃଷି ଓ ଖାଦ୍ୟ ଉତ୍ପାଦନ, ଉଦ୍ୟାନ କୃଷି ଏବଂ ମୃତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ସମେତ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗ ପକ୍ଷରୁ ବିଭିନ୍ନ ଷ୍ଟଲ ଖୋଲାଯିବ । ଏଥି ସହିତ ବିଭିନ୍ନ ଦିବସରେ ଆଲୋଚନା ଚକ୍ର ସମେତ କୃଷି ବିଶେଷଜ୍ଞ ଓ ଚାଷୀମାନଙ୍କ ସହିତ ଭାବବିନିମୟ କାର୍ଯ୍ୟକ୍ରମର ଆୟୋଜନ କରାଯିବ । ମେଳା ଅବସରରେ ଅଗ୍ରଣୀ ଚାଷୀ ଭାଇଭଉଣୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି ।

# ଓଡ଼ିଶା ଗ୍ରାମ୍ୟ ନିର୍ମାଣ କର୍ମଚାରୀ ସଂଘର ଆନ୍ଦୋଳନ ସ୍ଥଗିତ

**ଭୁବନେଶ୍ୱର,(ପିଏନ)-** ଗତ ମାସ ୨୮ ତାରିଖରୁ ଦୁଇ ଦଫା ଦାବି ପୂରଣ ନିମନ୍ତେ ଗ୍ରାମ୍ୟ ନିର୍ମାଣ ବ୍ରଟ୍ ଓଭର ୱାର୍କଚାର୍ଜଡ୍ କର୍ମଚାରୀମାନେ ରେଗୁଲାର ନିଯୁକ୍ତି ଓ ପେନ୍‌ସନ୍ ଦାବିରେ ଯେଉଁ ଆନ୍ଦୋଳନ, ଧାରଣା ଓ ବିକ୍ଷୋଭ ଚାଲୁ ରଖିଥିଲେ ତାକୁ ଏକ ମାସ ପାଇଁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି ବୋଲି ସଂଘ ତରଫରୁ କୁହାଯାଇଛି । ଏଠାରେ ପ୍ରକାଶଥାଉକି, ସଂଘର ସଭାପତି କୃଷ୍ଣଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସେମାନଙ୍କର ଦାବି ସମ୍ପର୍କରେ ଆଲୋଚନା କରିବା ପାଇଁ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବାପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀମୁଖ୍ୟଙ୍କ ସହ ଆଲୋଚନା କରିଥିଲେ । ସରକାର ସେମାନଙ୍କର ଦାବି ପ୍ରତି ସଚେତନ ଅଛନ୍ତି ଏବଂ ବିଭାଗୀୟ ସଚିବ ଓ ଅର୍ଥ ବିଭାଗ ସଚିବଙ୍କ ସହିତ କଥାବାର୍ତ୍ତା ଚାଲୁ ରହିଛି । ଆମକୁ ମାସେ ସମୟ ଦିଆଯାଉ । ଖୁବ୍ ଶୀଘ୍ର ଭଲ ଫଳାଫଳ ଆଗକୁ ଆସିବ ବୋଲି ଯନ୍ତ୍ରୀମୁଖ୍ୟ ପ୍ରତିଶ୍ରୁତି ଦେଇଥିଲେ । ଆପଣମାନେ ଆନ୍ଦୋଳନ ଓ ଧାରଣା ପ୍ରତ୍ୟାହାର କରନ୍ତୁ ଏବଂ ଏକ ମାସ ଭିତରେ ନିଶ୍ଚୟ ଆପଣମାନଙ୍କ ଦାବି ପୂରଣ କରାଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେବାପରେ ସଂଘ ଆନ୍ଦୋଳନ ଓ ଧାରଣାକୁ ଏକ ମାସ ପାଇଁ ସ୍ଥଗିତ ରଖିଲା ବୋଲି ଘୋଷଣା କଲା । ସରକାରଙ୍କ ପାଖରେ ଆପଣମାନଙ୍କ ଫାଇଲ୍ ଯାଇଛି ଏବଂ ଭଲ ନିଷ୍ପତି ସରକାର ନିଶ୍ଚୟ ଆପଣମାନଙ୍କୁ ଜଣାଇବେ ବୋଲି କହିଛନ୍ତି ଯନ୍ତ୍ରୀମୁଖ୍ୟ । ଦାବି ସମ୍ପର୍କରେ ଆଲୋଚନା ପାଇଁ ଯାଇଥିବା ପ୍ରତିନିଧି ଦଳ କର୍ତ୍ତୃପକ୍ଷଙ୍କ ଏହି ପ୍ରତିଶ୍ରୁତି ଶୁଣି ଆନ୍ଦୋଳନକୁ ସ୍ଥଗିତ ରଖିବାକୁ ନିଷ୍ପତି ନେଇଥିଲେ ଏବଂ ସରକାର ଯଦି ଏକ ମାସ ଭିତରେ ଆମ ଦାବି ପୂରଣ ନ କରନ୍ତି ଏବଂ ଆଜିର ପ୍ରତିଶ୍ରୁତି ଯଦି ମିଥ୍ୟା ହୋଇଥାଏ, ତେବେ ଆଗାମୀ ଦିନରେ ଆମେ ଆମର ନିଜର ହକ୍ ପାଇବା ପାଇଁ ଦୁର୍ବାର ଆନ୍ଦୋଳନ କରିବାକୁ ବାଧ ହେବୁ ବୋଲି ଚେତାବନୀ ଦେଇଛନ୍ତି ସଂଘର ସଭାପତି କୃଷ୍ଣଚନ୍ଦ୍ର ନାୟକ ।

## ସ୍ୱେଚ୍ଛାସେବୀ ସେବାକେନ୍ଦ୍ରର ସଫେଇ କାର୍ଯ୍ୟକ୍ରମ

**ଭୁବନେଶ୍ୱର,(ପିଏନ)-** ସ୍ୱଚ୍ଛତା ଆମ ଦେଶର ଗୌରବ । ଆମ ପର୍ଯ୍ୟଟନସ୍ଥଳୀ ସ୍ୱଚ୍ଛତା ରହିଲେ ବିଭିନ୍ନ ଦେଶରୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାଏ । ସେଥିପ୍ରତି ଧ୍ୟାନ ଦେଇ ସ୍ୱେଚ୍ଛାସେବୀ ସେବାକେନ୍ଦ୍ର ଭୁବନେଶ୍ୱରର ସ୍ୱେଚ୍ଛାସେବୀମାନେ ଭୁବନେଶ୍ୱରସ୍ଥିତ ପର୍ଯ୍ୟଟନସ୍ଥଳୀ ଧଉଳିଗିରିର ଅଶୋକସ୍ତମ୍ଭ, ପଂଚାୟତ କାର୍ଯ୍ୟାଳୟ, ଧଉଳି ପାର୍କ ଆଦି ବିଭିନ୍ନ ସ୍ଥାନକୁ ସଫେଇ କରିଥିଲେ । ସେବାକେନ୍ଦ୍ରର ସମ୍ପାଦକ ବାପି ନାୟକ ସ୍ୱେଚ୍ଛାସେବୀମାନଙ୍କୁ ଅବଗତ କରି କହିଥିଲେ ଯେ, ପର୍ଯ୍ୟଟନସ୍ଥଳୀ ଆମର ଘର ଏବଂ ଅଶୋକସ୍ତମ୍ଭ ଆମ ଦେଶର ପ୍ରତୀକ । ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି ।

# ଜିଲ୍ଲାସ୍ତରୀୟ ଏକାଦଶ କୃଷି ଗଣନା ସମନ୍ୱୟ କମିଟି ବୈଠକ

**ପାରଳାଖେମୁଣ୍ଡି,(ପିଏନ):** ଭାରତ ସରକାରଙ୍କର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଆନୁକୂଲ୍ୟରେ ଓ ଓଡ଼ିଶା ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗ ଓ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ତତ୍ତ୍ୱାବଧାନରେ ଓ ଜିଲ୍ଲାପ୍ରଶାସନ ତରଫରୁ ହେବାକୁ ଥିବା ଏକାଦଶ କୃଷି ଗଣନା ପାଇଁ ଗଜପତି ଜିଲ୍ଲାର ପ୍ରଥମ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ତଥା ଜିଲ୍ଲା କୃଷିଗଣନା ଅଧିକାରୀ ପ୍ରଦୀପକୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆଜି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ପାରମ୍ଭିକ ସୂଚନାରେ ଅତିରିକ୍ତ ଜିଲ୍ଲାପାଳ ଚଳିତ ଏକାଦଶ କୃଷି ଗଣନାର ଆଭିମୁଖ୍ୟ ସହିତ ଏଥିରେ ସାମିଲ ହେବାକୁ ଥିବା ନୂତନ ନିୟମବଳୀକୁ ପାଳନ କରି ସର୍ଭେ କାମ ଧାର୍ଯ୍ୟ ସମୟ ମଧ୍ୟରେ ସମାପ୍ତ କରିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ଯୋଜନା ଓ ପରିସଂଖ୍ୟାନ ଉପନିର୍ଦ୍ଦେଶକ ଶ୍ରୀକୁଳମଣୀ ରାଉତ ଏହି କୃଷି ଗଣନାର ଉଦ୍ଦେଶ୍ୟ ସଂପର୍କରେ ସମସ୍ତ ସଦସ୍ୟଙ୍କୁ ଅବଗତ କରିବା ସହିତ ଏହି ସର୍ଭେର ପ୍ରଥମ ପ୍ରର୍ଯ୍ୟାୟ କାର୍ଯ୍ୟ ଆସନ୍ତା ୨୦୨୩ ମାର୍ଚ୍ଚ ୩୧ ସୁଦ୍ଧା ସମ୍ପୂର୍ଣ୍ଣ ହେବାକୁ ସରକାରଙ୍କ ତରଫରୁ ଧାର୍ଯ୍ୟ କରାଯାଇଥିବା ବିଷୟରେ ଆଲୋକପାତ କରିଥିଲେ । ଚଳିତ ମାସ ମଧ୍ୟରେ ସର୍ଭେପାଇଁ ଆବଶ୍ୟକୀୟ କର୍ମଚାରୀଙ୍କ ତାଲିକା ପ୍ରସ୍ତୁତ ସହ ସମସ୍ତ ଗଣନାକାରୀ ଓ ସୁପରଭାଇଜରଙ୍କୁ ତାଲିମ ପ୍ରଦାନ କରାଯାଇ ଚଳିତ ମାସରୁ କ୍ଷେତ୍ରୀୟ ସର୍ଭେ? କାର୍ଯ୍ୟ ଆରମ୍ଭ କରାଯିବା ନେଇ ବୈଠକରେ ଆଲୋଚନା କରାଗଲା । ଏହି ଗଣନା କାର୍ଯ୍ୟକୁ ସୁପରିଚାଳିତ କରିବା ପାଇଁ ଜିଲ୍ଲା ପ୍ରରିସଂଖ୍ୟାନ ବିଭାଗର କ୍ଷେତ୍ର ସର୍ଭେ ଓ ନୀରିକ୍ଷକ, କୃଷି ବିଭାଗର ଗ୍ରାମ କୃଷି କର୍ମଚାରୀ ଓ ପରିଦର୍ଶକ ଏବଂ ରାଜସ୍ୱ ବିଭାଗର ଅମିନ ଓ ଅତିରିକ୍ତ ରାଜସ୍ୱ ନିରିକ୍ଷକ କାମ କରିବେ । ଜିଲ୍ଲାରେ ସମସ୍ତ ୧୫୩୪ରାଜସ୍ୱ ଗ୍ରାମରେ ଏହି ସର୍ଭେ କାମ ଅନୁଷ୍ଠିତ ହେବ । ଏଥିନିମନ୍ତେ ୧୦୮ ଜଣ କ୍ଷେତ୍ର କର୍ମଚାରୀ ଓ ୩୬ ଜଣ ସୁପରଭାଇଜର କୃଷି, ରାଜସ୍ୱ ଓ ଯୋଜନ ଓ ସଂଜଯୋନା ପରିସଂଖ୍ୟାନ କ୍ଷେତ୍ର କର୍ମଚାରୀ ଉପାରୋକ୍ତ ତିନି ବିଭାଗରୁ ନିଯୁକ୍ତି ହେବେ ।

# ଖେଳ



**ପର୍ଯ୍ୟବେକ୍ଷକ**
PARYABEKHYAK



Bhubaneswar Thursday January 12, 2023 ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୧୨,୨୦୨୩ Daily Edition : R.N.I.No: ODIODI/1999/00717 Postal Regd. No: BN/57/18-20 www.paryabekhyak.com 

# ଭାରତ ବିପକ୍ଷ ଟେଷ୍ଟ ପାଇଁ ଅଷ୍ଟ୍ରେଲିଆ ସ୍କ୍ୱାଡ, ଅଛନ୍ତି ୪ ସ୍ପିନର ଓ ୬ ଦ୍ରୁତ ବୋଲର

**ମେଲବର୍ଣ୍ଣ:** ଭାରତ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ୪ଟିକିଆ ଟେଷ୍ଟ ସିରିଜ୍ ପାଇଁ ଆଜି ଅଷ୍ଟ୍ରେଲିଆ ପକ୍ଷରୁ ୧୮ ଜଣିଆ ସ୍କ୍ୱାଡ ଘୋଷଣା କରାଯାଇଛି। ଦଳରେ ୪ ଜଣ ସ୍ପିନର ଓ ୬ ଜଣ ଦ୍ରୁତ ବୋଲର ରହିଛନ୍ତି। ଭାରତୀୟ ପିଚ୍ ସ୍ପିନକୁ ସୁହାଇବାର ସମ୍ଭାବନା ଥିବାରୁ ଅଷ୍ଟ୍ରେଲିଆ ସେହି ଅନୁସାରେ ସ୍କ୍ୱାଡ ତିଆରି କରିଛି।

ସ୍କ୍ୱାଡରେ ଭିକ୍ଟୋରିଆର ଅନକ୍ୟାପଡ୍ ଅଫ ସ୍ପିନର ଟୋଡ ମୋର୍ଫିଙ୍କୁ ସାମିଲ କରାଯାଇଛି। ସେହିରି ଭେଟରାନ ବ୍ୟାଟର ପିଟର ହ୍ୟାଣ୍ଡସ୍କମ୍ବଙ୍କୁ ଅଷ୍ଟ୍ରେଲିଆ ଦୀର୍ଘବର୍ଷ ପରେ ଟେଷ୍ଟ ଟିମ୍‌ରେ ସାମିଲ କରିଛି।

୨୨ ବର୍ଷୀୟ ମୋର୍ଫିଙ୍କ ବ୍ୟତୀତ ଭେଟରାନ ନାଥନ ଲାୟନ, ଅଷ୍ଟନ ଅଗର ଓ ମିଚେଲ ସ୍ୱେପସନ ସ୍ପିନିଂ ବାହିନୀର ମଙ୍ଗ ସମ୍ଭାଳିବେ। ଆହତରୁ ମୁକୁଳିଥିବା ଅଲରାଉଣ୍ଡର କାମେରନ ଗ୍ରୀନ ଓ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ଭାରତ ବିପକ୍ଷ ଟେଷ୍ଟ ସ୍କ୍ୱାଡରେ ଅଛନ୍ତି। ସେହିପରି ଅନକ୍ୟାପଡ ପେସର ଲାନ୍ସ ମୋରିସ୍ ବ୍ୟାକ୍ ଅପ୍? ଭାବେ ଦଳ ସହ ଭାରତ ଆସିବେ।

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଟେଷ୍ଟ ସିରିଜ ଫେବୃଆରୀ ୯ରୁ ଆରମ୍ଭ ହେବ। ପ୍ରଥମ ଟେଷ୍ଟ ୧୩



ତାରିଖ ଯାଏ ନାଗପୁରରେ ଚାଲିବ। ସେହିପରି ଫେବୃଆରୀ ୧୭ରୁ ୨୧ ଯାଏ ଦିଲ୍ଲୀରେ ଦ୍ୱିତୀୟ ଟେଷ୍ଟ, ମାର୍ଚ୍ଚ ୧ରୁ ୫ ଯାଏ ଧର୍ମଶାଳାରେ ତୃତୀୟ ଟେଷ୍ଟ ଓ ଅହମଦାବାଦରେ ମାର୍ଚ୍ଚ ୯ରୁ ୧୩ ତାରିଖ ଯାଏ ୪ର୍ଥ ଟେଷ୍ଟ ଖେଳାଯିବ।

ବାମହାତୀ ସ୍ପିନର ଅଗର ଦକ୍ଷିଣ ଆଫ୍ରିକା ବିପକ୍ଷ ଶେଷ ମ୍ୟାଚ୍‌ରେ ଆଣି ୱିକେଟ ଦଖଲ କରିପାରି ନଥିଲେ। ୨୦୧୭ ପରେ ପ୍ରଥମଥର ଅଗର ଏପରି ସ୍ଥିତିର ସମ୍ମୁଖୀନ ହୋଇଥିଲେ ମଧ୍ୟ ତାଙ୍କୁ ସ୍କ୍ୱାଡରେ ରଖାଯାଇଛି। ଅଷ୍ଟ୍ରେଲିଆ କ୍ରିକେଟର ମୁଖ୍ୟ ଚୟନକର୍ତ୍ତା ଜର୍ଜ ବେଲୀ କହିଛନ୍ତି, "ସିଡ୍‌ନୀକୁ କମବ୍ୟାକ କରିବା ପରେ ଅଷ୍ଟନ ଅଗର ସମସ୍ତଙ୍କୁ ପ୍ରଭାବିତ କରି ଚାଲିଛନ୍ତି। ଆମର ଆଶା ଏହି ବାମହାତୀ ଫିଙ୍ଗର ସ୍ପିନର ଭାରତୀୟ ପାଣିପାଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ମୋର୍ଫି ଘରୋଇ କ୍ରିକେଟ ଓ ଅଷ୍ଟ୍ରେଲିଆ ଏ' ପାଇଁ କ୍ରମାଗତ ଭଲ ପ୍ରଦର୍ଶନ କରି ଆସୁଛନ୍ତି। ତାଙ୍କ ଉପସ୍ଥିତି ଦଳର ସ୍ପିନ ବାହିନୀକୁ ଆହୁରି ମଜବୁତ କରିବ। ତାଙ୍କୁ ଭେଟରାନ ସ୍ପିନର ଲାୟନ ଓ ଆସିଷ୍ଟାଣ୍ଟ କୋଚ୍ ଡାନିଏଲ ଭିଟୋରୀଙ୍କ ସହ ଭାରତରେ ବହୁତ କିଛି ଶିଖିବାକୁ ମିଳିବ।"

ଆହତ ସମସ୍ୟା ଯୋଗୁ ମିଚେଲ ଷ୍ଟାର୍କ ସିଡ୍‌ନୀ ଟେଷ୍ଟ ଖେଳି ନଥିଲେ। ସେ ଭାରତ ବିପକ୍ଷ ପ୍ରଥମ ଟେଷ୍ଟ ମଧ୍ୟ ଖେଳିବେନି। ଏହାପରେ ସେ ସ୍କ୍ୱାଡରେ ସାମିଲ ହେବେ। ଗ୍ରୀନ ମଧ୍ୟ ସୁସ୍ଥ ହେବା ପରେ ଦଳରେ ଯୋଗଦେବେ। ଜୋଶ ହେଜେଲଉଡଙ୍କ ସହ ଅଧିନାୟକ ପାଟ କମିନ୍ସ, ସ୍କଟ ବୋଲାଣ୍ଡ ଓ ଲାନ୍ସ ମୋରିସ ଦ୍ରୁତ ବୋଲର ଭାବେ ସ୍କ୍ୱାଡରେ ଅଛନ୍ତି।

ଅଷ୍ଟ୍ରେଲିଆ ସ୍କ୍ୱାଡ: ପାଟ କମିନ୍ସ(ଅଧିନାୟକ), ଅଷ୍ଟନ ଅଗର, ସ୍କଟ ବୋଲାଣ୍ଡ, ଆଲେକ୍ସ କେରୀ, କାମେରନ ଗ୍ରୀନ, ଜୋଶ ହେଜେଲଉଡ, ପିଟର ହ୍ୟାଣ୍ଡସ୍କମ୍ବ, ଟ୍ରାଭିସ ହେଡ, ଉସମାନ ଖ୍ୱାଜା, ମାର୍ନସ ଲାବୁଶେନ, ନାଥନ ଲାୟନ, ଲାନ୍ସ ମୋରିସ, ଟୋଡ୍ ମୋର୍ଫି, ମାଥ୍ୟୁ ରେନଶ, ଷ୍ଟିଭ ସ୍ମିଥ, ମିଚେଲ ଷ୍ଟାର୍କ, ମିଚେଲ ସ୍ୱେପସନ ଓ ଡାଭିଡ ୱାର୍ଣ୍ଣର।

# ହକି ବିଶ୍ୱକପ ମେଡାଲ ଲକ୍ଷ୍ୟରେ ଶ୍ରୀଜେଶ

**ନୂଆଦିଲ୍ଲୀ:** ଆସନ୍ତା ୧୩ ତାରିଖରୁ ଓଡିଶାର ଭୁବନେଶ୍ୱର ଓ ରାଉରକେଲାରେ ପୁରୁଷ ହକି ବିଶ୍ୱକପ ଆରମ୍ଭ ହେବ। ଏଥିପାଇଁ ପ୍ରସ୍ତୁତି ଶେଷ ହୋଇଛି। ଭାରତ ମଧ୍ୟ ନିଜର ପ୍ରଥମ ମ୍ୟାଚ୍ ଖେଳିବାକୁ ଅପେକ୍ଷା କରି ରହିଛି। ଓଡିଶାରେ କ୍ରମାଗତ ଦ୍ୱିତୀୟ ଥର ପାଇଁ ହକି ବିଶ୍ୱକପ ଆୟୋଜନ ହେଉଥିବା ବେଳେ ଭାରତ ନିଶ୍ଚିତ ଇତିହାସ ରଚିବ ବୋଲି ହକି ଟିମ୍‌ର ଭେଟରାନ ଗୋଲକିପର ପିଆର ଶ୍ରୀଜେଶ ଆଶା ରଖିଛନ୍ତି। ଶ୍ରୀଜେଶ ନିଜର ୪ର୍ଥ ବିଶ୍ୱକପ ଖେଳୁଥିବା ବେଳେ ଭାରତ ମାଟିରେ ୩ୟ ବିଶ୍ୱକପ ଖେଳିବେ। ତେଣୁ ସେ ନିଜ ହକି କ୍ୟାରିୟରକୁ ମେଡାଲ ସହ ଶେଷ କରିବାକୁ ଲକ୍ଷ୍ୟ ରଖିଛନ୍ତି।

ଦୀର୍ଘ ୪୮ ବର୍ଷ ହେଲା ଟିମ ଇଣ୍ଡିଆ ହକି ବିଶ୍ୱକପରେ ମେଡାଲ ଜିତିନି। ଦଳ ୧୯୭୫ରେ ଶେଷଥର ପାଇଁ କ୍ୱାଲାଲମ୍ପୁରରେ ଆୟୋଜିତ ବିଶ୍ୱକପରେ ଚାମ୍ପିୟନ ହୋଇଥିଲା। ସେତେବେଳେ ଅଜିତ ପଲ ସିଂହ



କ୍ୟାପ୍‌ଟେନ ଥିଲେ। ସେବେଠାରୁ ଆଜି ଯାଏ ଭାରତ କେବେ ହେଲେ ବିଶ୍ୱକପର ଟପ୍ ୩ ଦଳ ମଧ୍ୟରେ ରହିବାକୁ ସକ୍ଷମ ହୋଇନି। କିନ୍ତୁ ଚଳିତ ବିଶ୍ୱକପରେ ଭାରତର ଭାଗ୍ୟ ଓଡିଶାରେ ବଦଳିବ ବୋଲି ସମସ୍ତେ ଆଶା ରଖିଛନ୍ତି।

ଚଳିତ ବିଶ୍ୱକପର ଗ୍ରୁପ ଡି'ରେ ଭାରତ ରହିଛି। ଏହି ଗ୍ରୁପ୍‌ରେ ଇଂଲଣ୍ଡ, ସ୍ପେନଓ ୱେଲ୍ସ ରହିଛନ୍ତି। ଭାରତ ୧୩ ତାରିଖ ସନ୍ଧ୍ୟା ୭ଟାରେ ସ୍ପେନ ବିପକ୍ଷ ମ୍ୟାଚ୍‌ରୁ ତା'ର ବିଶ୍ୱକପ ଅଭିଯାନ ଆରମ୍ଭ କରିବ। ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ଏହାପୂର୍ବରୁ ଶ୍ରୀଜେଶ କହିଛନ୍ତି, "ଦେଶ ପାଇଁ ୪ଟି ବିଶ୍ୱକପ ଖେଳିବା ମୋ ପାଇଁ ଭାଗ୍ୟର ବିଷୟ। ଏହା ମଧ୍ୟରେ ସବୁଠାରୁ ସ୍ୱତନ୍ତ୍ର ହେଲା ଯେ ମୁଁ ତୃତୀୟ ଥର ପାଇଁ ଭାରତ ମାଟିରେ ବିଶ୍ୱକପ ଖେଳିବାକୁ ଯାଉଛି। ମୁଁ ଭାବୁନି ଅନ୍ୟ କୌଣସି ଖେଳାଳି ମୋ ପରି ଭାଗ୍ୟ ପାଇଥିବେ। ୨୦୧୮ ବିଶ୍ୱକପରେ ଆମେ ସେମିରେ ପହଞ୍ଚି ପାରି ନଥିଲୁ। ବର୍ତ୍ତମାନ ଆମ ପାଖରେ ଭାଗ୍ୟ ବଦଳାଇବାକୁ ଆଉ ଗୋଟିଏ ସୁଯୋଗ ରହିଛି। ଆମର ଆଶା ଆମେ ଭଲ ପ୍ରଦର୍ଶନ କରି ଶୀର୍ଷରେ ଅଭିଯାନ ଶେଷ କରିବୁ।"

୨୦୧୮ ବିଶ୍ୱକପର ଗ୍ରୁପ ପର୍ଯ୍ୟାୟରେ ଭାରତ ଟପ୍‌ରେ ରହିଥିଲା। କିନ୍ତୁ କ୍ୱାର୍ଟର ଫାଇନାଲରେ ଦଳ ବିଶ୍ୱକପରେ ରନର୍ସ ଅପ ହୋଇଥିବା ନେଦରଲ୍ୟାଣ୍ଡ ଠାରୁ ୨-୧ରେ ହାରି ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଥିଲା।

ଦୀର୍ଘ ୪୧ ବର୍ଷ ପରେ ଭାରତ ନିକଟରେ ଶେଷ ହୋଇଥିବା ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିବାକୁ ସକ୍ଷମ ହୋଇଥିଲା। ତେଣୁ ଏଥର ମଧ୍ୟ ବିଶ୍ୱକପରେ ୪୮ ବର୍ଷ ଧରି ଫ୍ୟାନ୍ସ କରିଥିବା ଅପେକ୍ଷାର ଅନ୍ତ ଘଟିବ ବୋଲି ଶ୍ରୀଜେଶ କହିଛନ୍ତି। ସେ ବିଶ୍ୱକପରେ ନିଜର ୧୦୦% ଦେବେ ଓ ଭଲ ଖେଳ ସହ ଅଭିଯାନ ଶେଷ କରିବେ ବୋଲି କହିଛନ୍ତି।

# ମୁଁ ସବୁ ଦିନ ପାଇଁ ଖେଳିବିନି: ଚର୍ଚ୍ଚାରେ ବିରାଟ କୋହଲିଙ୍କ ବୟାନ

**ଗୌହାଟୀ:** ଚର୍ଚ୍ଚାରେ ବିରାଟ କୋହଲି ଦେଇଥିବା ବୟାନ। ଶ୍ରୀଲଙ୍କା ବିପକ୍ଷ ଦିନିକିଆ ସିରିଜ୍?ରେ ଶତକ ହାସଲ କରିଥିବା ଟିମ ଇଣ୍ଡିଆର ବିରାଟ କୋହଲିଙ୍କ ବୟାନ ଏବେ ଭାଇରାଲ ହେବାରେ ଲାଗିଛି। ୧୧୩ ରନର ମ୍ୟାଚ୍ ବିଜୟୀ ଇନିଂସ ପାଇଁ ବିରାଟ କୋହଲିଙ୍କୁ ମଙ୍ଗଳବାର ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ମଧ୍ୟ ମିଳିଥିଲା। ତେବେ ପୁରସ୍କାର ଗ୍ରହଣ କରିବା ପରେ ସେ କହିଛନ୍ତି ଯେ 'ସବୁଦିନ ପାଇଁ ମୁଁ ଖେଳିବାକୁ ଯାଉନି।" ତାଙ୍କର ଏହି ବୟାନକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

୧୪ ବର୍ଷ ତଳେ ଅର୍ଥାତ ୨୦୦୮ରେ ବିରାଟ ଶ୍ରୀଲଙ୍କା ବିପକ୍ଷରେ ଭାରତ ପାଇଁ ଡେବ୍ୟୁ କରିଥିଲେ। ଧୀରେଧୀରେ ସେ ନିଜର ଦକ୍ଷତା ବଳରେ କ୍ରିକେଟର ସୁପରଷ୍ଟାର ବନି ଯାଇଛନ୍ତି। ଭାରତର ନେତୃତ୍ୱ ନେବା ଠାରୁ ଆରମ୍ଭ କରି ଏକାଧିକ ମ୍ୟାଚ୍ ବିରାଟ ନିଜେ ଜିତାଇଛନ୍ତି।

ଖାସ ଏହି କାରଣ ପାଇଁ ତାଙ୍କୁ ଭାରତର ଅନ୍ୟତମ ମହାନ କ୍ରିକେଟରର ଆଖ୍ୟା ମିଳିଛି। ୩୪ ବର୍ଷୀୟ ବିରାଟ କେବଳ ଭାରତ ମାଟିରେ ୨୦ଟି ଦିନିକିଆର ଶତକ ହାସଲ କରି କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି।

ମଙ୍ଗଳବାର ମ୍ୟାଚ୍‌ରେ ସେ ୮୭ଟି ବଲରେ ୧୧୩ ରନ ଇନିଂସ ଖେଳିବାରୁ ଭାରତ ୭ ୱିକେଟ ହରାଇ ୩୭୩ ରନ କରିଥିଲା। ଏଥିସହ



ଶ୍ରୀଲଙ୍କାକୁ ୬୭ ରନରେ ହରାଇବାକୁ ମଧ୍ୟ ଦଳ ସକ୍ଷମ ହୋଇଛି। ମ୍ୟାଚ୍ ପରେ ବିରାଟ ନିଜ କ୍ୟାରିୟର ଓ ବ୍ୟାଟିଂକୁ ନେଇ ବଡ ବୟାନ ଦେଇଛନ୍ତି।

ସେ କହିଛନ୍ତି, "ମୁଁ ଭାବୁନି ଏଠାରେ କିଛି ଭିନ୍ନ ଥିଲା। ମୋ ପ୍ରସ୍ତୁତି ଓ ଲକ୍ଷ୍ୟ ସବୁବେଳେ ସମାନ ରହିଥାଏ। ମୁଁ ଭଲ ଭାବେ ବଲକୁ ହିଟ୍ କରୁଥିଲି। ମୁଁ ସବୁବେଳେ ଯେଉଁଭଳି ଖେଳେ, ଆଜିର ମ୍ୟାଚ୍(ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍)ରେ ବି ପ୍ରାୟ ସେମିତି ଖେଳିଛି। ମୁଁ ବୁଝିଥିଲି ଯେ ଆମକୁ ଅତିରିକ୍ତ ୨୫ରୁ ୩୦ ରନ ଦରକାର।

ମୁଁ ସ୍ଥିତିକୁ ଦେଖି ଖେଳିବା ଆରମ୍ଭ କରିଥିଲି। ଦଳକୁ ଗୋଟିଏ ଭଲ ସ୍କୋରରେ ପହଞ୍ଚାଇବା ମୋର ଉଦ୍ଦେଶ୍ୟ ଥିଲା। ମୁଁ ଗୋଟିଏ କଥା ଶିଖିଛି ଯେ ହତାଶା କେବେ ହେଲେ ଆପଣଙ୍କୁ କେଉଁ ଆଡେ ନେଇଯିବ ନାହିଁ। ଆପଣଙ୍କୁ କୌଣସି କଥାକୁ ଜଟିଳ କରିବାର ଆବଶ୍ୟକ ନାହିଁ। ପଡିଆକୁ ଯିବାର ଅଛି ଓ ନିର୍ଭୟରେ ଖେଳିବାର ଅଛି।ଆପଣଙ୍କୁ ଉଚିତ କାରଣ ପାଇଁ ଖେଳିବାର ଅଛି। ଏଥିସହ ପ୍ରତିଟି ମ୍ୟାଚ୍‌କୁ ନିଜର ଶେଷ ମ୍ୟାଚ୍ ଭାବେ ବିଚାର କରି ଖେଳିବାକୁ ହେବ। ଏହାକୁ ଉପଭୋଗ କରି ଖୁସି ହୁଅନ୍ତୁ। ଏପରି ହେଲେ ଖେଳ ଆଗକୁ ବ? ଚାଲିବ। ମୁଁ ସବୁଦିନ ପାଇଁ ଖେଳିବାକୁ ଯାଉନି। ମୋତେ ମିଳିଥିବା ସ୍ଥାନରେ ମୁଁ ବହୁତ ଖୁସି। ମୁଁ ମୋର ଖେଳିବା ସମୟକୁ ଉପଭୋଗ କରୁଛି।"ମଙ୍ଗଳବାର ମ୍ୟାଚ୍‌ରେ ଭାରତ ପ୍ରଥମେ ବ୍ୟାଟିଂ କରି ୭ ୱିକେଟ ହରାଇ ୩୭୩ ରନ କରିଥିଲା। ଏହାର ଜବାବରେ ଶ୍ରୀଲଙ୍କା ୮ ୱିକେଟ ହରାଇ ୩୦୬ ରନ କରିବାକୁ ସକ୍ଷମ ହୋଇଥିଲା। ଏହି ବିଜୟ ସହ ଭାରତ ୩ଟିକିଆ ଦିନିକିଆ ସିରିଜ୍‌ରେ ୧-୦ରେ ଆଗୁଆ ହୋଇଯାଇଛି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray